## ଆର୍‌ଏସ୍‌ପି ବରସୁଆଁ ଲୁହା ଖଣି ଟେନ୍‌ସା ଟାଉନ୍‌ସିପ୍‌ରେ ଜଙ୍ଗଲ ଭ୍ୟୁ-ପଏଣ୍ଟ ଉଦ୍‌ଘାଟିତ



ରାଉରକେଲା,୧୪ା୧(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଓଡ଼ିଶା ଗ୍ରୁପ୍ ଅଫ ମାଇନ୍ସ ଅଧୀନ ବରସୁଆଁ ଲୁହା ଖଣି (ବିଆଇଏମ), ପ୍ରକୃତିକୁ ଉପଭୋଗ କରିବା ନିମନ୍ତେ ସାମୁଦାୟିକ କଲ୍ୟାଣ କକ୍ଷେ ଟେନ୍ସା ଟାଉନସିପ୍‌ରେ ଏକ ଜଙ୍ଗଲ ଭ୍ୟୁ ପଏଣ୍ଟ ବିକଶିତ କରିଛି। ବିଆଇଏମ୍ ଟିଆଇଏମ୍ ବିଭାଗର ସିଜିଏମ୍ ହିମାଂଶୁ ମିଶ୍ର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଭ୍ୟୁ ପଏଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଆଇଏମ୍, ଟିଆଇଏମ୍, କେଆଇଏମ୍‌ର ଏଚ୍‌ଆର୍ ବିଭାଗର ଜିଏମ୍ ଏନ୍.ସି. ପଣ୍ଡା, ବିତ୍ତ ଓ ଲେଖା ବିଭାଗର ଜିଏମ୍ ପରିମଳ ବଂଶଲ, ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଖେଳାଳି ଏବଂ ବହୁ ସଂଖ୍ୟାରେ ଟେନ୍‌ସା ଟାଉନସିପ୍ ବାସିନ୍ଦା ଉପସ୍ଥିତ ଥିଲେ। ଟେନ୍‌ସା ଜଙ୍ଗଲର ଏହି ଜଙ୍ଗଲ ଭ୍ୟୁ ପଏଣ୍ଟ ଜଙ୍ଗଲ ସୁରକ୍ଷା ପାଇଁ ଉଚ୍ଚ ପ୍ଲାଟଫର୍ମ ଏବଂ ରେଲିଂ ପ୍ରାବଧାନ କରାଯାଇଛି। ଏହା ବାସିନ୍ଦା ଏବଂ ପରିଦର୍ଶକଙ୍କ ପାଇଁ ଏକ ଶାନ୍ତମନୋରମ ଅନୁଭୂତି ପ୍ରଦାନ କରୁଛି। ଏହି ସ୍ଥାନ ସହରବାସୀଙ୍କ ପାଇଁ ପ୍ରଶାନ୍ତିକର ପ୍ରାକୃତିକ ପରିବେଶ ଉପହାର ଦେଉଛି। ଯାହା ଏକ ଲୋକପ୍ରିୟ ସ୍ଥଳ ହେବ ବୋଲି ଆଶା କରାଯାଉଛି। ଏହି ପ୍ରୟାସ ବିଆଇଏମ୍-ଟିଆଇଏମ୍ ସିଭିଲ୍ ବିଭାଗ ଦ୍ୱାରା ସମ୍ପାଦିତ କରାଯାଇଥିଲା।

# ମନସ୍କାମନା ପୂରଣ ହେବ କହି ନେଇଗଲେ ସୁନାଗହଣା

ରାଉରକେଲା,୧୪ା୧(ସମିସ)

ସହରରେ ପୁଣି ମାତିଲେ ଠକ। ମନସ୍କାମନା ପୂରଣ ହେବ କହି ନେଇଗଲେ ସୁନା ଅଳଙ୍କାର। ମଙ୍ଗଳବାର ଏଭଳି ଉପାୟରେ ଜଣେ ମହିଳାଙ୍କ ଠାରୁ ସୁନା ମୁଦି ଓ ଚେନ୍ ନେଇଯାଇଥିବା ଉଦିତ୍‌ନଗର ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ବିଶ୍ରା ଡାହାର ରୋଡ୍ ଅଞ୍ଚଳରେ କିରଣ ଅଗ୍ରୱାଲ ରୁହନ୍ତି। ସକାଳ ପ୍ରାୟ ସାଢ଼େ ୯ଟାରେ ସ୍ଥାନୀୟ ଶ୍ୟାମ ମନ୍ଦିରକୁ ଯାଇ ଫେରୁଥିବାବେଳେ ମାଲଗୋଦାମ ବଙ୍ଗାଳି ହୋଟେଲ୍ ସମ୍ମୁଖରେ ଦୁଇଜଣ ଅଜଣା ଯୁବକ ଅଟକାଇ ଥିଲେ। ପରେ ଘର ଉପରେ ବିଭିନ୍ନ ସମସ୍ୟା ଥିବା କହି ଆତ୍ମବିଶ୍ୱାସ ଜନ୍ମାଇ ଥିଲେ। ଏଥିସହ ସୁନା ସୁନା ମୁଦି ଓ ଚେନ୍ ଖୋଲି କିଛି ପାଦ ଆଗକୁ ଯାଇ ପୁଣି ପଛକୁ ଫେରିଲେ ମନସ୍କାମନା ପୂରଣ ହେବ ବୋଲି କହିଥିଲେ। ସେହି ଅନୁଯାୟୀ ମହିଳା ଜଣକ ସୁନା ଅଳଙ୍କାର ଖୋଲି



ଆଗକୁ ଯାଇ ପୁଣି ପଛକୁ ଫେରିବା ପରେ ସେଠାରେ କେହି ନଥିବା ଦେଖି ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଉଦିତନଗର ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ବାସନ୍ତୀ କଲୋନୀରେ ଅଳଙ୍କାର ଦୁଇ ଗୁଣା ହୋଇଯିବାକୁ କହି ଜଣେ ଭଣ୍ଡବାବା ଲାକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଥିଲେ। ଏହି ଘଟଣା ଏବେ ବି ତଦନ୍ତାଧୀନ ରହିଛି। ମନ୍ତ୍ର ବଳରେ ସୁନା ଅଳଙ୍କାର ଦୁଇଗୁଣା କରିଦେବାର ଲୋଭ ଦେଖାଇ ବାସନ୍ତୀ କଲୋନୀ ଡିଏଭି ବସ୍ତିର ଏକ ପରିବାରର ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ୩ ଜଣ ଚିତାଚୈତନ୍ୟଧାରୀ ଭଣ୍ଡବାବା ଲୁଟିନେଇଥିଲେ। ଡିଏଭି ବସ୍ତିକୁ ତିନିଜଣ ଭଣ୍ଡ ବାବା ଯାଇ ଭିକ୍ଷା ମାଗିଥିଲେ। ଜଣେ ବସ୍ତିର ମୁଖ୍ୟ ରାସ୍ତାରେ ଜଗି ରହିଥିବା ବେଳେ ଅନ୍ୟ ଦୁଇଜଣ ବସ୍ତି ଭିତରକୁ ପଶିଥିଲେ। ବସ୍ତିର ଭାସ୍କର ବାରିକଙ୍କ ଘରକୁ ଭିକ୍ଷା ମାଗିବା ବାହାନାରେ ୨ ଭଣ୍ଡ ବାବା ଯାଇ ଶ୍ରୀ ବାରିକ ନ ଥିବା ବେଳେ ତାଙ୍କ ପତ୍ନୀ ସୁକାନ୍ତି, ଝିଅ ପୁଷ୍ପାଞ୍ଜଳି ଏବଂ ବୋହୂ ସୁଚରିତାଙ୍କୁ ପରିବାରରେ ଭୀଷଣ ସମସ୍ୟା ରହିଛି ବୋଲି କହି ଭୟଭୀତ କରିଥିଲେ। ଏହାପରେ ସୁକାନ୍ତି ଓ ପୁଷ୍ପାଞ୍ଜଳିଙ୍କୁ ୨୧ ଓ ୫୧ଟି ଲେଖାଏଁ ଚାଉଳ ଆଣିବାକୁ କହିଥିଲେ। ଏହି ସମୟରେ ବୋହୂ ସୁଚରିତାଙ୍କୁ ସ୍ୱାମୀ ଓ ପୁତ୍ର ସନ୍ତାନର ମଙ୍ଗଳ ପାଇଁ ଟଙ୍କା ମାଗିଥିଲେ। ସେ ଟଙ୍କା ଆଣିଦେବାରୁ ଟଙ୍କା ମୋତି ଓ ରୁଦ୍ରାକ୍ଷରେ ପରିଣତ ହୋଇଥିଲା। ଏଭଳି ଉପାୟରେ ସୁଚରିତାଙ୍କ ମନରେ ବିଶ୍ୱାସ ଜନ୍ମାଇ ଘରେ ଥିବା ସୁନା ଗହଣା ଆଣି ଦେଲେ ତାହା ମନ୍ତ୍ର ବଳରେ ୨ ଗୁଣ ହୋଇଯିବ ବୋଲି ଭଣ୍ଡ ବାବାଦ୍ୱୟ କହିଥିଲେ। ଏହାପରେ ଲୋଭର ବଶବର୍ତ୍ତୀ ହୋଇ ସୁଚରିତା ଘରେ ଥିବା ସୁନା ଲକେଟ୍, ଚେନ୍ ଆଣି ତାଙ୍କୁ ଦେଇଥିଲେ। ଭଣ୍ଡ ସାଧୁ ଦ୍ୱୟ ହାତ ସଫେଇ କରି ଉକ୍ତ ସୁନା ଅଳଙ୍କାରକୁ ଏକ କାଗଜରେ ଗୁଡ଼ାଇ ଅନ୍ୟ ଏକ କାଗଜ ପୁଡ଼ିଆ ସୁଚରିତାକୁ ଦେଇ ତାକୁ ନ ଖୋଲିବାକୁ କହି ଆଲମିରାରେ ରଖିବାକୁ କହିଥିଲେ। ଖୋଲିଲେ ମନ୍ତ୍ର କାମ ନ କରିବା ସହ ପରିବାରର ଅମଙ୍ଗଳ ହେବ କହିଥିଲେ। ଏହି ସମୟରେ ଶାଶୂ ସୁକାନ୍ତି ଓ ନଣନ୍ଦ ପୁଷ୍ପାଞ୍ଜଳି ସାଧୁଙ୍କ ପାଇଁ ଚାଉଳ ନେଇ ଆସି ଦେଖିଲା ବେଳକୁ ସମ୍ପୃକ୍ତ ସାଧୁମାନେ ସେଠାରୁ ଚମ୍ପଟ ମାରିଥିଲେ। ସେପଟେ ସୁଚରିତା ଆଲମିରାରେ ଥିବା କାଗଜ ପୁଡ଼ିଆକୁ ଖୋଲି ଦେଖିଲା ବେଳକୁ ତାଙ୍କର ହୋସ ଉଡ଼ିଯାଇଥିଲା। କାଗଜରେ ସୁନା ଚେନ୍ କି ଲକେଟ କିଛି ନଥିଲା। ଫଳରେ ସେମାନେ ଭଣ୍ଡ ସାଧୁଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ ବୋଲି ପରେ ଜାଣି ପାରିଥିଲେ। ଠକେଇ ହୋଇଥିବା ସୁନା ଅଳଙ୍କାରର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏତାଲାରେ ଦର୍ଶାଇଥିଲେ। ତେଣୁ ଏଭଳି ଠକାମୀଠାରୁ ଦୂରରେ ରହିବାକୁ ଏସ୍‌ପି ନିତେଶ ୱାଧୱାନୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ସନାତନ ସାହୁଙ୍କ ପରଲୋକ

ରାଉରକେଲା,୧୪ା୧(ସମିସ): ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ସେକ୍ଟର -୨୦ ଅଞ୍ଚଳ ନିବାସୀ ସନାତନ ସାହୁଙ୍କର ୮୨ ବର୍ଷରେ ପରଲୋକ ହୋଇଯାଇଛି। ଗତ ୨ ବର୍ଷ ହେଲା ସେ ପ୍ରୋଷ୍ଟେଟ୍ ଜନିତ ସମସ୍ୟାରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ରାଉରକେଲା ଆପୋଲୋ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିଲେ।



ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର, ଦୁଇ ବୋହୂ, ଏକ ମାତ୍ର ଝିଅ ଏବଂ ଜ୍ୱାଇଁଙ୍କ ସମେତ ପତ୍ନୀ, ଭଉଣୀ, ଭିଣୋଇ ଭଣଜା, ଭାଣିଜୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ରାଉରକେଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ବିଧାୟକ ଦୁର୍ଗା ଚରଣ ତନ୍ତୀ, ସମାଜସେବୀ ପ୍ରଶାନ୍ତ ସେଠୀ, ରାକେଶ ସ୍ୱାଇଁ, ସଞ୍ଜୀବ ଶାନ ସ୍ୱାଇଁ, ମନୋଜ ତିୱାରୀ, ପ୍ରଭାକର ଚୌଧୁରୀ, ପ୍ରଶାନ୍ତ ମହାପାତ୍ର, ଜ୍ୟୋତି ରଞ୍ଜନ ମହାନ୍ତି, ଇନ୍ଦ୍ରଜିତ ସିଂହ, ଅନିଲ ସିଂହ, ଶ୍ରୀକାନ୍ତ ରାୟ, କମଲେଶ୍ୱର ସାହା, ବିରାଜ ବିଶ୍ୱାଳ, ବିଶ୍ୱରଞ୍ଜନ ରାଉତ, କେବଲ ଲାଲ ସେଠୀ, ଅନମୋଲ ସେଠୀ, ଭୂଷଣ ସେଠୀ, ରାଜା ରାୟ, ଦେବାଶିଷ ମହାନ୍ତି, କମଳାକାନ୍ତ ନାୟକ, ସତ୍ୟରଞ୍ଜନ ପ୍ରଧାନ, ସନ୍ୟାସୀ ନାୟକ ପ୍ରମୁଖ ତାଙ୍କ ସେକ୍ଟର -୨୦ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ସେକ୍ଟର -୨୦ ଅଞ୍ଚଳରେ ପରିକ୍ରମା କରାଇବା ପରେ ବେଦବ୍ୟାସ ସ୍ଥିତ ସ୍ୱର୍ଗଧାମଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବେଦବ୍ୟାସ ଠାରେ ଲୋକାରଣ୍ୟ ପୂର୍ବକ ବହୁ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଆଡ଼ଭୋକେଟ ସଞ୍ଜୟ ସାହୁ ମୁଖାଗ୍ନି ଦେଇଥିଲା ବେଳେ ଅନ୍ୟ ଦୁଇ ପୁତ୍ର ସମୀର ସାହୁ, ଶିଶିର ସାହୁ ଏବଂ ଏକ ମାତ୍ର କନ୍ୟା ଓ ଜ୍ୱାଇଁ ଉପସ୍ଥିତ ଥିଲେ।

## ବାଣେଶ୍ୱର ମନ୍ଦିରରେ ମକର ଭିଡ଼

ବଣାଇଁ,୧୪ା୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ବଣାଇଁ ଉପଖଣ୍ଡର ପୁରପଲ୍ଲୀ ଉତ୍ସବ ମୁଖର ହୋଇଥିବାବେଳେ ବଣାଇଁ ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିରରେ ଭୋର ସମୟରୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଘଣ୍ଟ, ମୃଦଙ୍ଗର ତାଳେତାଳେ ବିଭିନ୍ନ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଦେବ ଦର୍ଶନ ନିମନ୍ତେ ମନ୍ଦିର ଗର୍ଭ ଗୃହକୁ



ପ୍ରବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ମଣ୍ଡପ ସମ୍ମୁଖରୁ ଲାଇନ୍‌ରେ ଛିଡ଼ା ହୋଇ ଠାକୁରଙ୍କୁ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୋରରୁ ନିତିକାନ୍ତି ପରେ ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ ଲାଗିଥିଲା। ପରେ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଯଜ୍ଞ ମଣ୍ଡପ ସମ୍ମୁଖରେ ମକର ଚାଉଳ ବଣ୍ଟନ ବ୍ୟବସ୍ଥା କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ଲୋକମାନେ ଏହାକୁ ଗଣପର୍ବ ଭାବେ ପାଳନ କରୁଥିବା ବେଳେ ଲୋକେ ନୂଆ ପୋଷାକ ପିନ୍ଧିବା ସହିତ ଘରେ ଘରେ ପିଠାପଣା କରିଥିଲେ।ସେହିପରି ଲହୁଣୀପଡ଼ା, କୋଇଡ଼ା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଏହି ପର୍ବକୁ ଟୁସୁ ପର୍ବ ରୂପେ ପାଳନ କରାଯାଇଥିଲା।

## ଧାମରା ସଂଘର ବାର୍ଷିକୋତ୍ସବ, ମକର ମିଳନ

ରାଉରକେଲା,୧୪ା୧(ସମିସ): ରାଉରକେଲାର ସାମାଜିକ ଅନୁଷ୍ଠାନ ଧାମରା ସଂଘର ୩୬ତମ ବାର୍ଷିକୋତ୍ସବ ସହ ମକର ମିଳନ ଛେଣ୍ଡସ୍ଥିତ ଧାମରା ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ମୁଖ୍ୟବକ୍ତା ଡ଼ାଲମିଆ ଭାରତ ସିମେଟର ନିର୍ବାହୀ ନିର୍ଦ୍ଦେଶକ ନାଳନ୍ଦ୍ରି ଭୂଷଣ ପାଢ଼ୀ ଯୋଗ ଦେଇଥିଲେ। ଧାମର ସଂଘର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଖୁବ୍ ଶୀଘ୍ର ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇ କଲ୍ୟାଣ ମଣ୍ଡପର ନିର୍ମାଣ କରାଯିବ



ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ବିଧାୟକ ଶ୍ରୀ ତନ୍ତୀ ଧାମରା ସଂଘ ପକ୍ଷରୁ ପାଳନ କରାଯାଉଥିବା ମକର ସଂକ୍ରାନ୍ତି ପର୍ବର ସ୍ୱତନ୍ତ୍ର ରହିଛି ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପ୍ରସ୍ତୁତି ବୈଠକ

ରାଉରକେଲା,୧୪ା୧(ସମିସ): ସ୍ଥାନୀୟ ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ପରିସରରେ କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ ସଭାପତିତ୍ୱ କରି ସମସ୍ତ



ଆଜୀବନ ସଦସ୍ୟ, ଶୁଭେଚ୍ଛୁ ଓ ଦୋଳ ମେଳଣ ସମିତିର କର୍ମକର୍ତ୍ତାଙ୍କୁ ୨୦୨୪ ଦୋଳ ଉତ୍ସବରେ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦୋଳ ମେଳଣ ସମିତିର ପ୍ରତିଷ୍ଠାତା ସଦସ୍ୟ ସୁଶାନ୍ତ କୁମାର ପ୍ରଧାନ ନିଜ ନିଜ ବକ୍ତବ୍ୟରେ ଆଗାମୀ ମାର୍ଚ୍ଚ ୧୬ ତାରିଖରେ ପାଳିତ ହେବାକୁ ଥିବା ୧୧ତମ ଦୋଳ ଉତ୍ସବକୁ ସମସ୍ତ କର୍ମକର୍ତ୍ତା ନିଷ୍ଠାର ସହ ସେମାନଙ୍କ କାର୍ଯ୍ୟ ନିର୍ବାହ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସମିତିର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ ୨୦୨୪ ବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସଂଯୋଜନା କରି କହିଲେ ଯେ ପଶ୍ଚିମ ଓଡ଼ିଶାରେ କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଦୋଳ ଉତ୍ସବ ବେଶ ପ୍ରଭାବ ପକାଇଛି। ଆସନ୍ତା ବର୍ଷ ଆହୁରି ଅଧିକ ଠାକୁରଙ୍କ ଆଗମନ ଏବଂ ସେଥିପାଇଁ ଆନୁସଙ୍ଗିକ କାର୍ଯ୍ୟ ଏବେଠାରୁ କରାଯିବା ଉଚିତ ବୋଲି କହିଥିଲେ। ବୈଠକରେ ଦୋଳ ମେଳଣ ସମିତିର ସଭାପତି ବିରାଜ ମୋହନ ବିଶ୍ୱାଳ ନିଜ ବକ୍ତବ୍ୟରେ ସମସ୍ତଙ୍କ ଆନ୍ତରିକ ସହଯୋଗରେ ୨୦୨୪ ଦୋଳ ଉତ୍ସବ ଅତି ସୁନ୍ଦର ଭାବେ କରାଯାଇ ପାରିଲା। ତେଣୁ ସମସ୍ତେ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ସଦସ୍ୟ ଗୌରାଙ୍ଗ ସେଠୀ ନିଜ ବକ୍ତବ୍ୟରେ ସମସ୍ତ ସଦସ୍ୟଙ୍କ ତାଲିକା ପ୍ରସ୍ତୁତ କରି ଆଗାମୀ ଦୋଳ ଉତ୍ସବରେ ସାମିଲ କଲେ ଉତ୍ସବ ଆହୁରି ସୁନ୍ଦର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ବେହେରା, ଗୁରୁ ଚରଣ ବେହେରା, ଗଙ୍ଗାଧର ନାୟକ, ପ୍ରଶାନ୍ତ କୁମାର ସାମଲ ହୃଷିକେଶ ଓଝା, ଧବଳେଶ୍ୱର ବିଶ୍ୱାଳ, ଗୁରୁ ଚରଣ ନନ୍ଦ, ସୁଶୀଲ ଦାଶ, ପରୀକ୍ଷିତ ମହାରଣା, ନାରାୟଣ ଚନ୍ଦ୍ର ମହନ୍ତ, ନିତ୍ୟାନନ୍ଦ ଜେନା, ଅଜୟ କୁମାର ବଳିୟାରସିଂ, ଅଧୀର କୁମାର ସେଠୀ, ଶ୍ରୀକାନ୍ତ କୁମାର ମହାନ୍ତି, ଅମର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜ ବିଚାରଧାରା ଉପସ୍ଥାପନ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆ ଡିଆଇସି ଆଲୋକ ବର୍ମାଙ୍କୁ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍‌ର ସ୍ୱାଗତ

ରାଉରକେଲା,୧୪ା୧(ସମିସ): ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଏବଂ ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନେତୃତ୍ୱରେ ଉଭୟ ୟୁନିଅନର ବରିଷ୍ଠ କର୍ମକର୍ତ୍ତା ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିଥିବା ଆଲୋକ ବର୍ମାଙ୍କୁ ପ୍ରଶାସନିକ ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ କର୍ମଚାରୀଙ୍କ ହିତକୁ ଆଖି ଆଗରେ ରଖି ଯେତେ ସମ୍ଭବ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଡିଆଇସି ଶ୍ରୀ ବର୍ମାଙ୍କ ନେତୃତ୍ୱରେ ରାଉରକେଲା ଇସ୍ପାତ କାରଖାନା ଆଗକୁ ଅଗ୍ରସର ହେବା ସହିତ ଇସ୍ପାତ କାରଖାନା କର୍ମଚାରୀଙ୍କର ଉନ୍ନତି ହେବ ବୋଲି ଆଶା ପୋଷଣ କରିଥିଲେ। ଏହି ଅବସରରେ ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଉପସଭାପତି ନିହାର ଦାସ, ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଦତ୍ତ, ରଘୁନାଥ ଭୁକ୍ତା, ସମ୍ପାଦକ କେ ସି ଆଚାର୍ଯ୍ୟ, ଅଖିଳ ପୃଷ୍ଟି,



ବିଶ୍ୱ ମୋହନ ପୁହାଣ, ରଞ୍ଜନ ନାୟକ, ଭାଗ୍ୟଧର ପରିଡା, ସମର ମଣ୍ଡଳ, ଶ୍ୟାମସୁନ୍ଦର ପାଢ଼ୀ,ଅଜୟ ମହାନ୍ତି, ପ୍ରମୋଦ ବିଷୋୟୀ, ଅମିନ ତାଣ୍ଡି ଏବଂ ଗାଙ୍ଗପୁର ମଜଦୂର ମଞ୍ଚର ଉପସଭାପତି ସନ୍ତୋଷ କୁଜୁର, ମାଙ୍ଗେ ଏକ୍କା, ଥୋମାସ ଟୋପୋ, ବାସିଲ ଏକ୍କା, ଆନନ୍ଦ ଟପ୍ପୋ, ରାଜୁ ବଡ଼ାଇକ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଅଭିଯୋଗ

# ଖଣି ନିର୍ଦ୍ଦେଶକଙ୍କୁ ଫେରାଦହେଲେ ଗ୍ରାମବାସୀ

ବଣାଇଁ,୧୪ା୧(ସମିସ)

ବଣାଇଁ ବ୍ଲକ୍ ବ୍ରାହ୍ମଣୀ ନଦୀର ତେଣ୍ଡରା ବାଲିଘାଟରେ ଲିଜ୍‌ଧାରୀଙ୍କ ଦ୍ୱାରା ବେଆଇନ ବାଲି ଉତ୍ତୋଳନ ଓ ପରିବହନ





କରାଯାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ସୂଚନା ଅନୁସାରେ ଲିଜ୍ ଦିଆଯାଇଥିବା ବାଲି ଶଯ୍ୟାରୁ ଦିନରାତି ପ୍ରୋକ୍ଲିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ଲିଜ୍ ଘାଟରୁ ପରିବହନ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ନାହିଁ। ଫଳରେ ଲିଜ୍‌ଧାରୀ ବେଆଇନ ଭାବେ ସଂରକ୍ଷିତ ଜଙ୍ଗଲ, ଗ୍ରାମବାସୀଙ୍କ ରେକର୍ଡ ଜମି ଓ ଖେଳ ପଡ଼ିଆ ଦେଇ ବାଲି ପରିବହନ କରୁଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ରାତି ସମୟରେ ମଧ ମେସିନ ଯୋଗେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ଶବ୍ଦ ପ୍ରଦୂଷଣ ହେବା ସହ ଗାଁ ଭିତର ଦେଇ ଗାଡ଼ି ସବୁ ଯାତାୟାତ କରିବା ଫଳରେ ଗାଡ଼ି ଶବ୍ଦରେ ନିଦ ଭାଙ୍ଗିବା ସହ ରାତିରେ ଶୋଇ ପାରୁନାହାନ୍ତି। ଏକର ଏକର ଜମିରେ ବାଲି ପଡ଼ି ଚାଷ ଜମି ନଷ୍ଟ ହେଉଥିବା ବେଳେ ଖେଳ ପଡ଼ିଆରେ ବାଲି ପଡ଼ିବା ଯୋଗୁଁ ଗାଁ ପିଲାମାନେ ସେଥିରେ ଖେଳ କୁଦ କରି ପାରୁନଥିବା କହିଛନ୍ତି। ତେଣୁ ସ୍ଥାୟୀ ରାସ୍ତା ନିର୍ମାଣ ନହେବା ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ନକରିବା ସହ ଉକ୍ତ ବାଲି ଘାଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଗତକାଲି ସ୍ଥାନୀୟ ପ୍ରଶାସନ, ଖଣି ବିଭାଗର ରାଉରକେଲା ଡେପୁଟି ନିର୍ଦ୍ଦେଶକ ଓ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରି ଫେରାଦ ହୋଇଛନ୍ତି ଗ୍ରାମବାସୀ।

## ଖୁବ୍‌ଶୀଘ୍ର ସରିବ ଆର୍‌ଏସ୍‌ପିର ଅତ୍ୟାଧୁନିକ ସି ୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

ରାଉରକେଲା,୧୪ା୧(ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଦ୍ୱାରା ସ୍ଥାପିତ ହେଉଥିବା ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି)ର ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ଏହାର ଡିଜାଇନ ଇଞ୍ଜିନିୟରିଂ ପର୍ଯ୍ୟାୟ ଶେଷହୋଇଛି। ୯୦ପ୍ରତିଶତ ସିଭିଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଯନ୍ତ୍ରୋପକରଣଗୁଡ଼ିକର ସ୍ଥାପନା ଜାରି ରହିଛି। ଅଦ୍ୟାବଧି ୪୦ପ୍ରତିଶତ ଉପକରଣ ଯୋଗାଣ ହୋଇସାରିଛି। ଆଗାମୀ ମାସଗୁଡ଼ିକରେ ଏହି ପରିବେଶ ଅନୁକୂଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପାଇଁ ପ୍ରସ୍ତୁତି ପଥରେ ରହିଛି। ଏହି ଅତ୍ୟାଧୁନିକ ସୁବିଧା ଦ୍ୱାରା ଦୈନିକ ୩୦ ନିୟୁତ ଲିଟର (ଏମ୍‌ଏଲ୍‌ଡି) ସିୱେଜ୍ ଜଳ ପ୍ରବନ୍ଧନର କ୍ଷମତା ବହନ କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଙ୍କ ପରାମର୍ଶ ଅନୁଯାୟୀ ଗ୍ରହଣ କରାଯାଇଥିବା ଏହି ପ୍ରମୁଖ ପଦକ୍ଷେପ ଇସ୍ପାତ ସହରାଞ୍ଚଳରେ ପରିବେଶ ସମସ୍ୟାକୁ ସମାଧାନ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୯୬ କୋଟି ଟଙ୍କା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପି ଉପରୋକ୍ତ ପ୍ରକଳ୍ପ ପାଇଁ ୨୦୨୩ ଜୁନ୍ ମାସରେ ମେସର୍ସ ବି ଜି ପଟେଲ ଏବଂ ମେସର୍ସ ଓଆସିସ୍ ଇପିସି ସଲ୍ୟୁସନକୁ ନେଇ ଗଠିତ ଏକ କନ୍ସୋର୍ସିୟମ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏହି ଚୁକ୍ତିନାମାରେ ଉପରୋକ୍ତ ନୂତନ ସୁବିଧାର ସ୍ଥାପନା, କମିସନିଂ ଏବଂ ୫ବର୍ଷର ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଭୁକ୍ତ ରହିଛି। ଉକ୍ତ ଅତ୍ୟାଧୁନିକ ବ୍ୟବସ୍ଥାରେ ଜଳ ବିଶୋଧନ ପାଇଁ ମୁଭିଙ୍ଗ୍ ବେଡ୍ ବାୟୋଫିଲ୍ମ ରିଆକ୍ଟର (ଏ ମ୍ ବି ବି ଆ ର୍) ଜ୍ଞାନକୌଶଳ ବ୍ୟବହାର ହେବ। ଏହି ପ୍ରକଳ୍ପ ଆସନ୍ତା ମଇ ମାସ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଇସ୍ପାତ ସହରାଞ୍ଚଳରେ ଉତ୍ପନ୍ନ ସମସ୍ତ ସ୍ୱେରେଜ୍ ଜଳକୁ ଏହି ନୂତନ ବ୍ୟବସ୍ଥା ପରିଚାଳନା କରିବ। ପ୍ରକଳ୍ପ ବିଭାଗର ଜିଏମବିକେ ସାହୁ ଓ ସୂର୍ଯ୍ୟ କୁମାର ଦାସ, ପ୍ରକଳ୍ପ ବିଭାଗର ଡିଜିଏମ୍ ଭି କେ ଯାଦବଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗାଯୋଗ ଦଳରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି କେ ଜୋଜୋ, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜିଏମ ମଙ୍ଗଲ ଓରାମ, ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକର, ସିଏସ୍‌ଆର୍ ବିଭାଗର ଜିଏମ ବି ମଲ୍ଲିକ ତଥା ସହର ସେବା ବିଭାଗର ଜିଏମ ସଞ୍ଜୟ ଦେଓ ସାମିଲ ଅଛନ୍ତି।





## କଳା, ସଂସ୍କୃତିର ମହାକୁମ୍ଭ କଳାହାଣ୍ଡି ଉତ୍ସବ 'ଘୁମୁରା'ଉଦ୍‌ଘାଟିତ

# 'ସାଂସ୍କୃତିକ ଆନ୍ଦୋଳନ ଏବଂ ବିକାଶର ବଳିଷ୍ଠ ପ୍ରତିଫଳନ'





**ଭବାନୀପାଟଣା, ୧୪ ।୧(ସମିସ):** ଲୋକ ସଙ୍ଗୀତ, ଲୋକନୃତ୍ୟର ସମ୍ମିଶ୍ରଣରେ ଆରମ୍ଭ ହେଲା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ । ଉତ୍କୃଷ୍ଟ କଳାର ମାଟି କଳାହାଣ୍ଡି, ପ୍ରାକୃତିକ ବୈଭବ ଓ ସାଂସ୍କୃତିକ ସୌରଭ କଳାହାଣ୍ଡିକୁ ସମୃଦ୍ଧ କରିଛି । ସଂସ୍କୃତି ଓ ପ୍ରଗତିର ପରିଚୟ ହେଉଛି କଳାହାଣ୍ଡି ବୋଲି ମଙ୍ଗଳବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ଉଦ୍‌ଘାଟନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆଦିବାଦ୍ୟ ମହୁରି ବାଦନ, ଘୁମୁରାର ଶବ୍ଦନାଦ ସହିତ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ଉଦଘାଟିତ ହୋଇଥିଲା କଳାହାଣ୍ଡି ଉତ୍ସବ । ମୁଖ୍ୟଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସମେତ ଭବାନୀପାଟଣା ପୌର ପରିଷଦ ସମେତ ଜିଲ୍ଲାର ସମସ୍ତ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାକୁ ଉମେଶ ଚନ୍ଦ୍ର ଶତପଥି ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ସୁରଜିତ ସିଂହ, ରାହୁଲ ପ୍ରଧାନ, ବିକାଶ ଆବାସିକ ବିଦ୍ୟାଳୟ, ଆର୍ଯ୍ୟ ନାୟକ, ସବ ଲେଫ୍ଟନାଣ୍ଟ ସୁଶାନ୍ତ କୁମାର ଦାଶ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ, ଦୀପକ ରଞ୍ଜନ ବେହେରା, ପ୍ରେମାଞ୍ଜଳି ନାଗ, ଦୀନେଶ ମାଝୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବର ସ୍ମରଣିକା ନିଶାନକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହାପରେ ପରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟାରେ ସୁଧୀର ନାଏକ, ବିରଞ୍ଚି ନାରାୟଣ ମୁଣ୍ଡ, ନିହାରୀକା ନାୟକ, ନମିତା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ ।ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ କଳାହାଣ୍ଡି ଲେଖକ କଳା ପରିଷଦ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଘୁମୁରା ଦଳ, ପ୍ରତିଭା ପଣ୍ଡା ଓ ସାଥୀଙ୍କ ଓଡିଶୀ, ରାଜସ୍ଥାନର ମଙ୍ଗନିହାର, ଆସାମର ବିହୁ, ବଲାଙ୍ଗୀର ଦୁଲଦୁଲି କଳାପରିଷଦର ଘୁଡୁକା, ମହାରାଷ୍ଟ୍ରର ଲାବଣି ନୃତ୍ୟ, କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ମଲ୍ଲୀଫୁଲ, ହରିୟାଣାର ଫାଗ୍ ନୃତ୍ୟ, ଭବାନୀପାଟଣା ମୃଣ୍ମୟୀର ବଜାଶାଲ, ପଞ୍ଜାବର ଭାଙ୍ଗଡ଼ା, ଶ୍ରୀ ଅରବିନ୍ଦ କଳା କେନ୍ଦ୍ରର ବଜାଶାଲ, ହିମାଚଳୀ ପାହାଡି ନୃତ୍ୟ, ବଲାଙ୍ଗୀର କୋଶଲ ଫୋକ୍ ଏକାଡେମୀ ଓ ସିଟିଏମ୍ଏସର ଘୋଡା ନାଚ ପରିବେଷିତ ହୋଇଥିଲା । ସେହିପରି ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ବିଖ୍ୟାତ ଲୋକଗାୟକ ସର୍ବେଶ୍ୱର ଭୋଇ ଓ ସାଥୀଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତିଯାଏଁ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ ।

# ଭବ୍ୟ ମଶାଲ ଶୋଭାଯାତ୍ରା



**ଭବାନୀପାଟଣା, ୧୪ ।୧(ସମିସ):** ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫କୁ ନେଇ ସମଗ୍ର କଳାହାଣ୍ଡି ଜିଲ୍ଲା ଉତ୍ସବ ମୁଖରିତ ହୋଇ ଉଠିଥିବା ବେଳେ ଉତ୍ସବର ଉଦ୍‌ଘାଟନ ପୂର୍ବରୁ ଭବ୍ୟ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପହଞ୍ଚିଥିଲା । ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାର ଏଗାର ଗୋଟି ପବିତ୍ର ସ୍ଥାନରୁ ମଶାଲ ଅଣାଯାଇ ଗାନ୍ଧୀଛକସ୍ଥିତ ଅସ୍ଥାୟୀ ମଞ୍ଚରେ ରଖାଯାଇଥିଲା । ଏହାପରେ ଅପରାହ୍ନ ୪ଟା ସମୟରେ ତିରିଶରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ସହିତ ଭବ୍ୟ ମଶାଲ ଶୋଭାଯାତ୍ରା ମାଣିକେଶ୍ୱରୀ ପୀଠରୁ ଉତ୍ସବ ପଡ଼ିଆ ଅଭିମୁଖେ ବାହାରିଥିଲା । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସିଡିଏମଓ ଡା. ସୁଚେତା ପାଣି, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ନେହରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ମେହେର, ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମଶାଲ ଉପ କମିଟିର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, ଆବାହକ ଯଯାତି କେଶରୀ ନାୟକଙ୍କ ସମେତ ସାଂସ୍କୃତିକ ଉପ କମିଟିର ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡା, ଆବାହକ ସଞ୍ଜୀବ କୁମାର ସିଂହଙ୍କ ନେତୃତ୍ୱରେ ଉଭୟ ସବ କମିଟିର ସମସ୍ତ ସଦସ୍ୟ, ସଦସ୍ୟା ମଶାଲ ଶୋଭାଯାତ୍ରା ପରିଚାଳନା କରିଥିଲେ । ପୁଲିସ ଓ ଏନ୍‌ସିସି କ୍ୟାଡେଟମାନେ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ ।

## ପାରବା ମଞ୍ଚ ଉଦ୍‌ଘାଟିତ, ଖୋଲାମଞ୍ଚରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ




**ଭବାନୀପାଟଣା, ୧୪ ।୧(ସମିସ):** କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସାଂସ୍କୃତିକ ଖୋଲା ମଞ୍ଚ, ପାରବା ମଞ୍ଚ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବୈଦ୍ୟରାଜ ପବିତ୍ର ଶବର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ, ସଦର ଏସ୍‌ଡିପିଓ ଆଜିଙ୍କ୍ୟ ପ୍ରମୁଖ ଯୋଗ ଦେଇଥିଲେ । ପାରବା ଖୋଲା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୌରଭ ମହାପାତ୍ରଙ୍କ ସମେତ ହେମନ୍ତ ସାହୁ, ବନଶ୍ରୀ ଦାଶ, ରିଆଜ ଖାନ, ଆଶୁତୋଷ ପୁରୋହିତ, ରାମପ୍ରସାଦ ତ୍ରିପାଠୀ, ଦୀପ୍ତିମୟୀ ସିଂହ, ଲିପ୍ସା ମହାରଣା, ଶିବଶକ୍ତି ପୁରୋହିତ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ପାରବା ମଞ୍ଚରେ ପ୍ରଗତି ଗ୍ରୁପ ତରଫରୁ ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅମ୍ରିତା ଏଣ୍ଡ ଗୃପ୍ ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀ, କୁମ୍ କୁମ୍ ବାଗ, ପ୍ରଗତି କନ୍‌ସେପ୍ଟ ସ୍କୁଲ, ହରିବଲ୍ଲଭ ସାହୁ, ଚକାଡୋଳା ଡ୍ୟାନ୍ସ ଗୃପ-ଏ, ସୋହାନୀ ପ୍ରିୟଦର୍ଶିନୀ ମହାରଣା, ସକ୍ଷମ୍ ଡ୍ୟାନ୍ସ ଗୃପ, ଥୁଆପଦର ୟୁପି ସ୍କୁଲ, ଅର୍ଚ୍ଚିତା ଓ ଗୃପ, ମୟୁରୀ ଡ୍ୟାନ୍ସ ଗୃପ, ଚକାଡୋଳା ଡ୍ୟାନ୍ସ ଗୃପବି, ଯଶପାଲ ପଣ୍ଡା, ପ୍ରଗତି ଫଗୁଣ, ମେଘା ଟିମ୍, ଏଲି ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବୁଢ଼ାରଜା ପୀଠରୁ ମଶାଲ ଯାତ୍ରା

**କୋକସରା, ୧୪ ।୧(ସମିସ):** ୨୭ତମ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୫ର ଶୁଭାରମ୍ଭ ପାଇଁ କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସାଂସ୍କୃତିକ ପରିଷଦ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସହଯୋଗ କ୍ରମେ ବିଭିନ୍ନ ପୀଠରୁ ମଶାଲ ବାହାରିଛି । ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ବାହାରିଥିଲା । ସିଉନୀଠାରେ ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇଥିଲା । ସେଠାରୁ କୋକସରା ପହଞ୍ଚିବା ପରେ ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ପିଇଓ ବିରଞ୍ଚି ଖର୍ସେଲ, ବ୍ଲକ ସାମ୍ବାଦିକ ସଂଘ ସଭାପତି ଚକ୍ରଧର ବେଶ୍ରା, ସାମ୍ବାଦିକ ଜଗଦୀଶ ନାଏକ, ପରେଶ ପଟ୍ଟନାୟକ, ଘୁମୁରା ଗୁରୁ ମହେଶ୍ୱର ସରାଫ, ଗମ୍ଭାରୀଗୁଡା ସରପଞ୍ଚ ଇଶରାମ ସୁନାନୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ସେହିପରି ମେଟେର, ଜୁନାଗଡ଼, ଜାରିଂ ଆଦି ସ୍ଥାନରେ ମଧ୍ୟ ଏହି ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇଥିଲା । ଚରଣ ସିଂ ବାଗ, ଦୁର୍ମାନ୍ୟ ଶବର ଓ ଠାକୁର ନାଏକଙ୍କ ନେତୃତ୍ୱରେ ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ଓ ମନୋରଞ୍ଜନ ବାଣୁଆ ପ୍ରମୁଖ ଆମପାଣି ବୁଢ଼ାରଜା ପୀଠରୁ ମଶାଲ ନେଇ ଭବାନୀପାଟଣା ଲାଲବାହୁର ଷ୍ଟାଡିୟମ ଅଭିମୁଖେ ବାହାରିଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମର ଗେରୁଆ ରଙ୍ଗ ଓ ଦଳୀୟ ସଂକେତ

- ସ୍ଥାନୀୟ ବିଧାୟକ ପ୍ରୋଟୋକଲକୁ ନେଇ ଅସନ୍ତୁଷ୍ଟ
- ଯୋଗଦେଲେନି ବିଧାୟକ



**ଭବାନୀପାଟଣା, ୧୪ ।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଏବଂ ଅନ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ନିମନ୍ତ୍ରଣ କରାଯାଇଥିଲା । ପ୍ରଥମ ଦିନରେ ଉପ ମୁଖ୍ୟମନ୍ତ୍ରୀଙ୍କ ଆସିବା କାର୍ଯ୍ୟକ୍ରମ ବାତିଲ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଆସି ଯୋଗ ଦେବାର କୌଣସି ଗ୍ୟାରେଣ୍ଟି ନାହିଁ । କିନ୍ତୁ ଏଥର ଶାସକ ଦଳର ଅଥିତି କରାଯାଇଥିବା ଯୋଗୁଁ ସାଂସ୍କୃତିକ ଉତ୍ସବ ପଡ଼ିଆ ଓ ରେଣ୍ଡମାଝୀ ମଞ୍ଚ ସଜାରେ ମଧ୍ୟ ଗେରୁଆ ରଙ୍ଗକୁ ସ୍ଥାନିତ କରିବା ସହିତ ମଞ୍ଚରେ ଦଳୀୟ ସଂକେତ ପଦ୍ମଫୁଲର କଳାକୃତି ଦେଖିବାକୁ ମିଳିଥିଲା । ପୂର୍ବରୁ ପ୍ରଶାସନ ଶାସକ ଦଳର ଚାପରେ କଳାହାଣ୍ଡି ଉତ୍ସବ ପାଳନ କରୁଛି । ତତସହିତ ପ୍ରୋଟୋକାଲକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିବା ଅଭିଯୋଗ କରିଥିଲେ ସଦର କଂଗ୍ରେସ ବିଧାୟକ ସାଗର ଚରଣ ଦାସ । ମଞ୍ଚରେ ପଦ୍ମଫୁଲ ଏବଂ ମଞ୍ଚ ଉପରେ ବିଜେପିର ଜିଲ୍ଲା ସଭାପତି ମଞ୍ଚସୀନ ହୋଉଥିବା ଦୃଶ୍ୟକୁ କେତେକ ସହଜରେ ହଜମ କରିପାରିନାହାନ୍ତି । ସେ ଦୃଷ୍ଟିରୁ ସଦର ବିଧାୟକ ପ୍ରଶାସନର ଏଭଳି ପ୍ରସ୍ତୁତି ସମ୍ପର୍କରେ ପୂର୍ବରୁ ସୂଚନା ପାଇବାପରେ ଉତ୍ସବରେ ଯୋଗଦେବାକୁ ରୋକ ଠୋକ ମନା କରି ଦେଇଥିଲେ । ବିଧାୟକ ସାଗର ଦାସ ଏହି ଅଭିଯୋଗ ମଧ୍ୟ ଉଠାଇଛନ୍ତି ଯେ ବିଭିନ୍ନ ଉପ କମିଟିରେ ତୁଳନାକେ ଦୃଷ୍ଟିରୁ ଦେଖିଲେ ବିଜେଡି ଓ ବିଜେପି ଦଳରୁ ଅନେକଙ୍କୁ କମିଟିରେ ସ୍ଥାନ ଦେଇଛନ୍ତି ଅଥଚ କଂଗ୍ରେସ ଦଳର ଯୁବ ଗୋଷ୍ଠିଙ୍କୁ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଅଣ ଦେଖା କରିଛନ୍ତିବୋଲି ପ୍ରକାଶ କରିଛନ୍ତି ।କଳାହାଣ୍ଡି ଉତ୍ସବ ଜିଲ୍ଲାର ସମ୍ମାନଓ ସ୍ୱାଭିମାନ । ତେଣୁ ଉତ୍ସବକୁ ଆୟୁଧ କରି ରାଜନୀତିକରଣ କରିବାର ବିଜେପିର ଚତୁରପଣ ବିଧାୟକ ନାପସନ୍ଦ ଜରିଛନ୍ତି ।

## ଦନ୍ତା ଆକ୍ରମଣରେ ଯୁବକ ଗୁରୁତର; ସହାୟତା ପାଇଁ ବନ ଅଧିକାରୀ ଅଟକ

**ସୁବଳୟା, ୧୪ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ମହୁବୁରି ଜଙ୍ଗଲ ନିକଟରେ ମଙ୍ଗଳବାର ସକାଳୁ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ସକାଳୁ ପିତାମହୁଲ ଗ୍ରାମର ଭରଦ୍ୱାଜ ମହାକୁର (୫୦)ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇ ଯାଇଥିବା ସମୟରେ ହାତୀ ଆକ୍ରମଣ ରେ ଶିକାର ହୋଇ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ । ସ୍ଥାନୀୟ ଲୋକେ ଖବର ପାଇ ବନ କର୍ମଚାରୀଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବିଳମ୍ବରେ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିବା ଯୋଗୁଁ ତାଙ୍କୁ ଗ୍ରାମବାସୀ ଅଟକ ରଖି ସହାୟତା ପାଇଁ ଦାବି କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ହେବାର ସ୍ଥାନୀୟ ପୁଲିସ ପହଞ୍ଚି ବୁଝାସୁଝା କରିଥିଲା । ଖବର ପାଇ ପରବର୍ତ୍ତି ସମୟରେ ବନ ସଂରକ୍ଷକ ଅବିନାଶ ବେରିହା ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିବା ସହ ଚିକିତ୍ସା ଖର୍ଚ୍ଚ ଓ ଅନୁକମ୍ପା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଘଟଣା ସ୍ଥଳରୁ ବନ କର୍ମଚାରୀଙ୍କୁ ଛଡା ଯାଇଥିବା ଜଣାଯାଇଛି । ଉକ୍ତ ଯୁବକ ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

**ଶଗଡ଼ା, ୧୪ ।୧(ସମିସ):** କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗଞ୍ଜେଇ ଓ ବାଇକ୍ ଜବତ କରିବା ସହ ୨ ଜଣକୁ ଗିରଫ କରିଛି । ଖବର ପାଇ କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଟିମ୍ କନ୍ଧମାଳ ଥାନା ଅନ୍ତର୍ଗତ କୁମେଲ ବନ୍ଧ ଛକ ନିକଟରେ ପାଟ୍ରୋଲିଙ୍ଗ କରୁଥିଲେ । ଏହି ସମୟରେ ବାଇକ୍ ଓଡି୨୭ବି-୬୮୩୯ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ବାଇକ୍‌କୁ ଅଟକାଇ ଥିଲେ । ତଦନ୍ତ ପରେ ଗାଡିରୁ ୪ କେଜି ଗଞ୍ଜେଇ ଜବତ କରିଥିବା ବେଳେ ୨ଜଣଙ୍କୁ ଗିରଫ କରିଥିଲେ । ଗିରଫ ଦୁଇ ଜଣ ହେଲେ କନ୍ଧମାଳ ଥାନା ଖଇରମାଲ ଗ୍ରାମର ଦିବାକର ମହାନନ୍ଦିଆ (୪୭) ଓ ସାନଛପା ପାଲି ଗ୍ରାମର ସୁଶାନ୍ତ ନାଗ (୨୦) ବୋଲି ଜଣାପଡ଼ିଛି । କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ୧୦୫/୨୪-୨୫ ୯ ମାମଲା ରୁଜୁ କରାଯାଇ ୨ଅଭିଯୁକ୍ତ ଙ୍କୁ ଗିରଫ କରା ଯାଇଥିବା ଜଣା ପଡ଼ିଛି ।

## ପ୍ରଥମ ଥର ପାଇଁ ମହିଳା ଗଣଦୌଡ଼ ପ୍ରତିଯୋଗିତ



**ଧର୍ମଗଡ଼, ୧୪ ।୧(ସମିସ):** ଧର୍ମଗଡ଼ରେ ହେବାକୁ ଥିବା କଳାହାଣ୍ଡି ଉତ୍ସବ ଉପଲକ୍ଷେ ମହିଳା ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବଡ ବସୁଲ ପଡ଼ିଆଠାରୁ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ଉପରେ ଏହି ଗଣଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଡାକ୍ତର ମୋନିକା ପରଶିରା ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥଲେ । ବଡ ବସୁଲ ମକୁନ୍ଦ ଶବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଧର୍ମଗଡ଼ ବ୍ଲକ ଝାର କୁଣ୍ଡାମାଲ ଗ୍ରାମର ଯୁଗମଣି ଶବର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଧର୍ମଗଡ଼ ବ୍ଲକ ବୋଡ଼େନର ପୁଷ୍ପାଞ୍ଜଳି ଶବର ଦ୍ୱିତୀୟ ସ୍ଥାନ ଓ ଧର୍ମଗଡ଼ର ଲିଲି ସୁନାନୀ ତୃତୀୟ ସ୍ଥାନ ହାସଲ କରିଥିଲେ । କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ପ୍ରଥମ ଥର ପାଇଁ ଧର୍ମଗଡ଼ରେ ମହିଳା ଗଣଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଉତ୍ସବ ପଡ଼ିଆରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଉତ୍ସବ କମିଟି ଅଧ୍ୟକ୍ଷ ଧିମାନ ଚକମା, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ପ୍ରଚାର ପ୍ରସାର କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଅର୍ଥ କମିଟିର ଉପାଧ୍ୟକ୍ଷ ସୁଶ୍ରୀ ହୀରା ବାଗ, ଇଙ୍ଗିତ ପଣ୍ଡା, ବରିଷ୍ଠ କ୍ରୀଡାବିତ୍ ଲକ୍ଷ୍ମୀକାନ୍ତ ବାଗ, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡ, କ୍ଷୀରୋଦ ବାଗ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ସନ୍ତୋଷ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷୟତ୍ରୀ ବୀଣା ପୁଝାରୀ, ଶିକ୍ଷୟିତ୍ରୀ ରାଜ କୁମାରୀ ନାଏକ ପରିଚାଳନା କରିଥିଲେ । ଅଭୟ ବାଗ, ଶ୍ରବଣ ଜାଲ, ନୟନ ସାହୁ, ସନ୍ତୋଷ ନାଏକ ପ୍ରମୁଖ ସହଯୋଗ କରିଥଲେ ।

## ଜିଲ୍ଲାସ୍ତରୀୟ ଘୁମୁରା ପ୍ରତିଯୋଗିତା

**ଭବାନୀପାଟଣା, ୧୪ ।୧(ସମିସ):** କଳାହାଣ୍ଡି ଉତ୍ସବ ଉଦଘାଟନ ପୂର୍ବରୁ ସହିଦ ରେଣ୍ଡୋ ମାଝୀ ମଞ୍ଚରେ ଜିଲ୍ଲାସ୍ତରୀୟ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ ସିର୍ଲିଗୁଡ଼ାସ୍ଥିତ ବାବା ରବିଦାସ ସାଂସ୍କୃତିକ ଅନୁଷ୍ଠାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜୟପାଟଣାସ୍ଥିତ ମା'ଜଗଜ୍ଜନନୀ ଘୁମୁରା ଦଳ ଦ୍ୱିତୀୟ ଓ ମୋଟେରସ୍ଥିତ ଚମ୍ପେଶ୍ୱର ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଘୁମୁରା ପ୍ରତିଯୋଗିତା ଉପକମିଟିର ନୋଡାଲ ଅଧିକାରୀ ପ୍ରଶାନ୍ତ ମିଶ୍ର, ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ସକିତ ରତେ, ଭାରତ ଭୂଷଣ ଚଲାନ, ଦିଲୀପ ଠାକୁର, ପିତାମ୍ବର ରଣା, ଚୈତନ୍ୟ ରାଉତ, ବିଜୟ ପ୍ରଧାନୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ ।

# କୋଟସମଲାଇ ମଣ୍ଡିରୁ ଉଠୁନି ଧାନ, ଚାଷୀ ହନ୍ତସନ୍ତ



**ବୀରମହାରାଜପୁର, ୧୪ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ କୋଟସମଲାଇ ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣିବା ଦାୟିତ୍ୱ ଦିଆଯାଇଥିବ ବେଳେ ଗତ ୨୫ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ୧୨୬ଜଣ ଚାଷୀଙ୍କ ୧୧, ୭୪୨ପାକେଟ ଧାନ ବିକ୍ରୟ ପାଇଁ ମଣ୍ଡିରେ ପଡ଼ିରହିଛିଫ ବର୍ତ୍ତମାନ ପର୍ଯ୍ୟନ୍ତ ୧୨, ୫୯୨କ୍ୱିଣ୍ଟାଲ ଧାନ ବିକ୍ରୟ ହୋଇସାରିଛି ।ବର୍ତ୍ତମାନ କୋଟସମଲାଇ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଇଛି ।ଏବେ କିଛି ଦିନ ହେଲା ମଣ୍ଡିକୁ ନିୟମିତ ଗାଡ଼ି ଆସୁନାହିଁ ।ମିଲର୍ସ ଗାଡ଼ି ପଠାଉ ନଥିବାର ଚାଷୀ ଅଭିଯୋଗ କରିଛନ୍ତି ।କୋଟସମଲାଇ ମଣ୍ଡିରେ ହଜାର ହଜାର ଧାନବସ୍ତା ପଡ଼ିଥିବା ବେଳେ ଚାଷୀ ଚିନ୍ତାରେ ରହିଛନ୍ତି ।ଗାଡି ଆସୁନଥିବାରୁ ଏବେ ମଣ୍ଡିରେ ୧୦ହଜାର ପାକେଟରୁ ଅଧିକ ଧାନ ପଡ଼ିରହିଛି ।ଆସନ୍ତା ଦିନେ ଦୁଇ ଦିନ ଭିତରେ ଧାନ ଯଦି କିଣା ନ ହୁଏ କେତେକ ଚାଷୀଙ୍କ ଟୋକେନ ମଧ୍ୟ ଲାପ୍ସ ହେବ ବୋଲି ସୂଚନା ମିଳିଛି ।ଚାଷୀମାନେ ଅଭିଯୋଗ କଲେ କେହି କର୍ଣ୍ଣପାତ କରୁନାହାନ୍ତି । ମିଲର୍ସ ଓ ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ମଣ୍ଡିରେ ଚାଷୀଙ୍କର ଧାନ ପଡ଼ିରହିଛି ।ଦିନେ ଦୁଇ ଦିନ ମଧ୍ୟରେ ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନ ତଥା ରାସ୍ତାରୋକ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ବନ୍ଧୁକ ମୁନରେ ବ୍ୟବସାୟୀଙ୍କଠାରୁ ଲୁଟ୍



**ସୋନପୁର, ୧୪ ।୧ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି । ମଙ୍ଗଳବାର ସନ୍ଧ୍ୟାର ଘଟଣା ସାରା ଜିଲ୍ଲାରେ ଭୟର ବାତାବରଣ ଖେଳାଇ ଦେଇଛି ।ମହାନଦୀର ଅପରପାର୍ଶ୍ୱ ଧର୍ମଶାଳା ଛକରେ ଜନସେବା କେନ୍ଦ୍ର ଖୋଲିଥିବା ଲେହେଡି ନିବାସୀ ନୀଳାମ୍ବର ମହାପାତ୍ରଙ୍କ ଠାରୁ ବନ୍ଧୁକ ମୁନରେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ସବୁଦିନ ଭଳି ସନ୍ଧ୍ୟା ସାଢେ ୬ଟାରେ ଜନସେବାକେନ୍ଦ୍ର ବନ୍ଦ କରି ଲେହେଡି ସ୍ଥିତ ନିଜ ଘରକୁ ନୀଳାମ୍ବର ଫେରୁଥିଲେ । ଏହି ସମୟରେ ଏକ ଲାଲ ରଙ୍ଗର ରେସିଂ ବାଇକ୍‌ରେ ତିନି ଜଣ ଲୁଟେରା ଆସି ଅଧାବାଟରେ ଅତର୍କିତ ଭାବେ ନୀଳାମ୍ବରଙ୍କୁ ଆକ୍ରମଣ କରିଥିଲେ । ନୀଳାମ୍ବର ଧରିଥିବା ଟଙ୍କା ବ୍ୟାଗକୁ ଜୋର ଜବରଦସ୍ତି ଛଡାଇବା ପାଇଁ ସେମାନେ ଉଦ୍ୟମ କରିଥିଲେ । ନୀଳାମ୍ବର ପ୍ରତିରୋଧ କରିବାରୁ ଲୁଟେରାମାନେ ବାରମ୍ବାର ନୀଳାମ୍ବରଙ୍କ ମୁଣ୍ଡକୁ ପିସ୍ତଲର ପଛପଟେ ଆକ୍ରମଣ କରିଥିଲେ । ନୀଳାମ୍ବର ଗୁରୁତର ହୋଇ ସେଠାରେ ପଡ଼ିଯିବାରୁ ଲୁଟେରା ମାନେ ଟଙ୍କା ବ୍ୟାଗ୍ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଗୁରୁତର ଅବସ୍ଥାରେ ନୀଳାମ୍ବରଙ୍କୁ ଘଟଣାସ୍ଥଳରୁ କିଛି ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ମୁଣ୍ଡରେ ୧୫ଟି ଷ୍ଟିଚ୍ ପଡ଼ିଛି । ଏହା ଏକ ବ୍ୟାଙ୍କର ଜନସେବା କେନ୍ଦ୍ର ହୋଇଥିବାରୁ ଲୋକେ ଜମା ଦେଇଥିବା ଦେଢ ଲକ୍ଷ ଟଙ୍କା ବ୍ୟାଗରେ ଥିଲା ବୋଲି ନୀଳାମ୍ବର କହିଛନ୍ତି । ଅଭିଯୋଗ ପାଇ ହିକୁଡି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି । ଘଟଣାସ୍ଥଳରୁ ଏକ ଜୀବନ୍ତ ଗୁଳି ଜବତ ହୋଇଛି । ନୀଳାମ୍ବର ବରିଷ୍ଠ ସାମ୍ବାଦିକ ପୀତାମ୍ବର ମହାପାତ୍ରଙ୍କ ସାନଭାଇ ହୋଇଥିବାରୁ ଡାକ୍ତରଖାନାରେ ବହୁ ସାମ୍ବାଦିକ ପହଞ୍ଚି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

### ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ




**ସୁନ୍ଦରଗଡ଼/ହେମଗିରି, ୧୪।୧(ସମିସ)**

ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼-ଏମସିଏଲ୍ ରାସ୍ତାର ହେମଗିରି ଥାନା ବାଲିଚୁଆଁ ନିକଟରେ ଏକ ଫ୍ଲାଇଆଶ ବୋଝେଇ ଟ୍ରକ୍ (ଓଡି୨୪କେ - ୩୮୧୭) ମାଡ଼ିଯାଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲେଫ୍ରିପଡ଼ା ଥାନା କୋଲାବିରା ଗ୍ରାମର ବିମଳ ସା (୨୩)। ସେ ଓଡି୧୬-୧୨୬୨ ନମ୍ବର ବିଶିଷ୍ଟ ବାଇକ୍ ନେଇ ଯାଉଥିବାବେଳେ ରାସ୍ତାରେ ଉକ୍ତ ଟ୍ରକ୍ ଚକାତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ଅନ୍ୟଜଣେ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକେ ଟ୍ରକ୍ ଚାଳକଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସେ ମଧ୍ୟ ଗୁରତର ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଟ୍ରକ୍ ଚାଳକଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଉଭୟ ଟ୍ରକ୍ ଚାଳକ ଓ ଆହତ ଅନ୍ୟ ବାଇକ୍ ଆରୋହୀଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନେଇଥିଲା। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦାବିରେ ରାସ୍ତା ଅବରୋଧ କରିଛନ୍ତି। ହେମଗିରି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରୁଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସମାଧାନର ସୂତ୍ର ବାହାରି ନ ଥିବାବେଳେ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି। ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଛି। ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

### ଯୁବକଙ୍କ ଗଳାକାଟି ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସର ପଛଘୁଞ୍ଚା

**ସୁନ୍ଦରଗଡ଼, ୧୪।୧(ସମିସ):** ଧରୁଆଡିହି ଥାନା ଲେଡିମଙ୍ଗ ବାବୁପଡ଼ା ଗ୍ରାମର ଜନୈକ ଯୁବକ ଭୀମସେନ କମାରଙ୍କ ଗଳା କାଟି ହତ୍ୟା କରିବା ମାମଲାକୁ ଇତିମଧ୍ୟରେ ୧୭ ସପ୍ତାହ ବିତିଛି। ତଥାପି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଫିଙ୍ଗରପ୍ରିଣ୍ଟ ଆଳରେ ପୁଲିସ ସ୍କାନର୍‌ରେ ରହିଥିବା ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଉକ୍ତ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଗତ ସେପ୍ଟେମ୍ବର ୭ ତାରିଖ ରାତିରେ ଭୀମସେନ ଅମସରଙ୍ଗା ଗ୍ରାମରେ ଗଣେଶ ପୂଜା ଉପଲକ୍ଷେ ଚାଲିଥିବା ଅର୍କେଷ୍ଟ୍ରା ଦେଖିବାକୁ ଯାଇ ଘରକୁ ଫେରି ନ ଥିଲେ। ପରଦିନ ସକାଳେ ତାଙ୍କ ମୃତଦେହ ଅର୍କେଷ୍ଟ୍ରାରୁ ଅନତି ଦୂର ବାବୁପଡ଼ା-ଅମସରଙ୍ଗା ମଝି କାଜୁ ଏରିଆରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କଟା ହୋଇଥିଲା। ଭୀମସେନଙ୍କ ବଡ଼ଭାଇ ଭୀଷ୍ମଦେବ କମାରଙ୍କ ଅଭିଯୋଗକ୍ରମେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି।

ଘଟଣା ଦିନ ରାତିରେ ଉକ୍ତ ଗ୍ରାମରେ ଘଟିଥିବା ୨ଟି ଘଟଣାରୁ ଭୀମସେନଙ୍କ ମୁଣ୍ଡ ଗଡ଼ିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଭୀମସେନ ଅର୍କେଷ୍ଟ୍ରା ପେଣ୍ଡାଲକୁ ଚଢ଼ିବା ନାଚିବା ଘଟଣା କିମ୍ବା ଗ୍ରାମର ଜଣେ ନାବାଳିକାଙ୍କୁ ଗଣ ଦୁଷ୍କର୍ମକୁ ବିରୋଧ କରିବାକୁ ଯାଇ ହତ୍ୟାର ଶିକାର ହୋଇଥିବା ସନ୍ଦେହ ଘନୀଭୂତ ହେଉଛି। ପୁଲିସ ସ୍କାନର୍‌ରେ ମଧ୍ୟ ୨ ଜଣ ଯୁବକ ରହିଛନ୍ତି। ତାଙ୍କ ଫିଙ୍ଗରପ୍ରିଣ୍ଟ ନିଆଯାଇଛି। ତେବେ ଏସ୍‌ଏଫ୍‌ଏସ୍‌ଏଲ୍‌ରୁ ଫିଙ୍ଗରପ୍ରିଣ୍ଟ ରିପୋର୍ଟ ଆସି ନ ଥିବା କହି ପୁଲିସ ଗିରଫ କରିବାରେ ସମୟ ଗଡ଼ାଉଛି।

ସେହିପରି ଦୁଷ୍କର୍ମ ମାମଲାରେ ପୁଲିସ ପୀଡ଼ିତାକୁ ଯେତେ ପଚରାଉଚୁରା କଲେ ମଧ୍ୟ ମୁହଁ ନ ଖୋଲିବା କି ଏହା ବିରୋଧରେ ଥାନାରେ ଏତଲା ନ ଦେବା ବିସ୍ମୟ ସୃଷ୍ଟି କରିଛି। ଏ ଦିଗରେ ମଧ୍ୟ ପୁଲିସ ତଦନ୍ତ ଆଗଉନାହିଁ। ଉକ୍ତ ହତ୍ୟା ମାମଲାରେ ପୁଲିସ ମହା ନିର୍ଦ୍ଦେଶକ ସମୀକ୍ଷା କରି ସାରିଥିଲେ ହେଁ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରିବାରେ ତଦନ୍ତ ଅଧିକାରୀ ଆଗଭର ନ ହେବା ଉଦ୍‌ବେଗର କାରଣ ହୋଇଛି। ଏପରି ଜଘନ୍ୟ ହତ୍ୟା ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ମାମଲାର ପର୍ଦ୍ଦାଫାସ କରିବାକୁ ଦାବି ହେଉଛି।

## ଚୋରି ମାମଲାରେ ୨ ଗିରଫ

**ସୁନ୍ଦରଗଡ଼, ୧୪।୧(ସମିସ):** ସୁନ୍ଦରଗଡ଼ ସଦର ଥାନା ପୁଲିସ ପରିବହନ ନାମରେ ଚୋରି ମାମଲା ପର୍ଦ୍ଦାଫାସ କରି ଉକ୍ତ ରାକେଟ୍‌ର ୨ ଜଣ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲ୍ଲା ଜରପଡ଼ାର ଶଙ୍କର ବେହେରା (୨୦) ଓ ବଲାଙ୍ଗିର ବାବୁପଡ଼ାର ରାଧେଶ୍ୟାମ ଓରଫ ହେମନ୍ତ ସାହୁ (୩୨)। ସମ୍ବଲପୁର ବରେଇପାଲିର ଟ୍ରାନ୍ସପୋର୍ଟର ଅମରେଶ ପାଣିଗ୍ରାହୀଙ୍କ ଠାରେ ଉକ୍ତ ରାକେଟ ଏକ ଜାଲ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଲଗାଇଥିଲେ। ଗତ ଅକ୍ଟୋବର ୧୦ ତାରିଖରେ ଉକ୍ତ ଟ୍ରକ୍‌ରେ ମହୁଲଜୋର ରାଇସ୍ ମିଲରୁ ରାୟପୁରକୁ ଏକ ଟ୍ରକ ଖୁଦ ପଠା ଯାଇଥିଲା। ତେବେ ଉକ୍ତ ଟ୍ରକ ରାୟପୁର ନ ପହଞ୍ଚି ବାଟରେ ଗାୟବ ହୋଇ ଯାଇଥିଲା। ଟ୍ରାନ୍ସପୋର୍ଟର ଅମରେଶ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ଚାଳକ ଶଙ୍କର ଉକ୍ତ ଖୁଦକୁ ରାଧେଶ୍ୟାମଙ୍କ ଠାରେ ୫ ଲକ୍ଷ ୫୧ ହଜାର ଟଙ୍କାରେ ବିକ୍ରି କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ପୁଲିସ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମାତ୍ର ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।




## ଚାରପାଲିରେ ହରିହର ମେଳଣ ଉତ୍ସବ



**ବଡ଼ଗାଁ, ୧୪।୧(ବଡ଼ଗାଁ):** ବଡ଼ଗାଁ ନିକଟରେ ଥିବା ଚାରପାଲି ଗାଁରେ ହରିହର ମେଳଣ ଉତ୍ସବ ଆୟୋଜିତ ହୋଇଯାଇଛି। କଣ୍ଟିଆମୁରାରୁ ହରି ଓ ବରପାଲି ରୁ ହରଙ୍କୁ ଗ୍ରାମବାସୀ ସୁଦୃଶ୍ୟ ରଥରେ ବସାଇ ଉଭୟ ଗ୍ରାମରୁ ଅଣାଯିବା ପରେ ଚାରପାଲିଠାରେ ହରି-ହର ଭେଟ କରାଯାଇଥିଲା। କଣ୍ଟିଆମୁରାରୁ ତାପସ ପାଣିଗ୍ରାହୀ, ରତ୍ନାକର ସା, ପଙ୍କଜ ମାଝୀ, ବିଶିକେଶନ ରଣା ଓ ବରପାଲିରୁ ସୁଧୀର ବିଶି, ବେଣୁମାଧବ ବିଶି, ବିଶେଶ୍ୱର ସା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାରପାଲି ଗ୍ରାମବାସୀଙ୍କ ଦ୍ୱାରା ଅନୁପ ବିଶି, ଅଦ୍ୱୈତ ବିଶି, ବସନ୍ତ ଚାରଡ଼ିଆ, ନିତ୍ୟାନନ୍ଦ ନାଏକଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇ ଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାମାଜିକ ନାଟକ ପ୍ରଦର୍ଶିତ ହୋଇଥିଲା। ଆୟୋଜନରେ ପୂଜା କମିଟିର ସଭାପତି କିଶୋର ବିଶି, ବସନ୍ତ ମାଝୀ, ଅଚ୍ୟୁତାନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଉରକେଲା, ୧୪।୧(ସମିସ): ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳରେ ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଗତ କିଛି ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାରି ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ମାତ୍ର ଯୁବକ ଜଣକ ପରେ ଆଉ ଧରାଛୁଆଁ ଦେଇ ନଥିଲେ। ଯାହା ଫଳରେ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର କାର୍ଯ୍ୟକାରିଣୀ



**ରାଉରକେଲା, ୧୪।୧(ସମିସ):** ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ, ରାଉରକେଲାର କାର୍ଯ୍ୟକାରିଣୀ ବୈଠକ ସେକ୍ଟର ୬ସ୍ଥିତ ସଂସ୍ଥାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ମୁଖ୍ୟ ପରାମର୍ଶଦାତା ରୂପେ ମନୋନୀତ କରାଯାଇଥିଲା ବେଳେ ସେବାନିବୃତ ମହାପ୍ରବନ୍ଧକ ଭାରପ୍ରାପ୍ତ ପି କେ ବିନ୍ଧାଣୀଙ୍କୁ ନୂତନ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଶିଳ୍ପପତି କମଲ ଅଗ୍ରୱାଲ ଓ ରାଉରକେଲା ଚାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ସୁନିଲ୍ କାୟଲ ସଂସ୍ଥାନର ଟ୍ରଷ୍ଟି ତଥା ପୃଷ୍ଠପୋଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ଓ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ହିନ୍ଦୀ ଦିବସ ପୂର୍ବରୁ ସବ୍ ଜୁନିଅର, ଜୁନିଅର ଓ ସିନିଅର ତିନୋଟି ଗ୍ରୁପ୍ କରି ହିନ୍ଦୀ ରଚନା, ବକ୍ତୃତା ଓ ତର୍କ ପ୍ରତିଯୋଗିତା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚତୁର୍ଥ, ପଞ୍ଚମ ଶିଶୁ, ଷଷ୍ଠ, ସପ୍ତମ, ଅଷ୍ଟମ ବାଲ୍ ଓ ନବମ, ଦଶମ, ଏକାଦଶ, ଦ୍ୱାଦଶଙ୍କୁ କିଶୋର ଭାବେ ତିନି ଭାଗରେ ବିଭାଜନ କରିବା ପାଇଁ ସ୍ଥିର କରାଯିବା ସହ ବିଜୟୀ ପ୍ରତିଭାଗୀଙ୍କୁ ହିନ୍ଦୀ ଦିବସ ଅବସରରେ ପୁରସ୍କୃତ ପାଇଁ ସ୍ଥିର କରାଯାଇଛି। ଏତଦ୍‌ବ୍ୟତୀତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କଲେଜର ବିଦ୍ୟାର୍ଥୀଙ୍କୁ ରାଷ୍ଟ୍ରଭାଷା ରତ୍ନ ପରୀକ୍ଷା ପାଇଁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଭାପତି, ଟ୍ରଷ୍ଟି ଗଣ ରାଷ୍ଟ୍ରଭାଷା ପ୍ରଚାର ଏବଂ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ନିଜର ମତାମତ ରଖିଥିଲେ। ପ୍ରାରମ୍ଭରେ ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଡ. ଜଗନ୍ନାଥ ଦାଶ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୈଠକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ନବନିର୍ବାଚିତ ଉପସଭାପତି ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବୀନିତା ବିନ୍ଧାଣୀ, ରଶ୍ମୀ ଦାଶ, ଶରତ ଚନ୍ଦ୍ର ପଣ୍ଡା, ସୁଦର୍ଶନ ପ୍ରସାଦ, ମଙ୍ଗଳ ସିଙ୍ଗ, ସୁଶ୍ରୀ ସୁସ୍ମିତା ପାଲ୍, ପ୍ରବୀର କୁମାର ଦୁବେ ପ୍ରମୁଖ ଯୋଗଦାନ କରିଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

ସୁନ୍ଦରଗଡ଼, ୧୪।୧(ସମିସ): ଏକ ଅଭାବନୀୟ ଘଟଣାକ୍ରମେ ମକର ସଂକ୍ରାନ୍ତି ଦିନ ଗାଁ ପୋଖରୀରେ ଗାଧୋଉ ଥିବାବେଳେ ଧରୁଆଡିହି ଥାନା ମଖାପଡ଼ା ଗ୍ରାମର ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ତ୍ରିନାରାୟଣ ଦେହୁରୀ (୫୫)। ତ୍ରିନାରାୟଣ ତାଙ୍କ ଗ୍ରାମର ଘୂର୍ଣ୍ଣିବନ୍ଧକୁ ଗୋଧୋଇବାକୁ ଯାଇଥିବାବେଳେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପୋଖରୀରେ ଗାଧୋଉଥିବା କେତେକ ମହିଳା ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ପରେ ଏ ନେଇ ସେମାନେ ଥାନାକୁ ଜଣାଇବା ପରେ ପୁଲିସ ଫାୟାର ବ୍ରିଗେଡ଼ର ସହାୟତାରେ ମୃତଦେହ ଉଦ୍ଧାର କରିଛି। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ମୃତଦେହ ସଂରକ୍ଷିତ ରଖାଯାଇଛି। ଏ ନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ବ୍ୟବଚ୍ଛେଦ କରାଇବାକୁ ଯୋଜନା କରିଛି।

## ଘର ଅଗଣାରୁ ଗାଡ଼ି ଚୋରି

**ସୁନ୍ଦରଗଡ଼, ୧୪।୧(ସମିସ):** କୁତ୍ରା ଥାନା ଅନ୍ତର୍ଗତ ଝାରବେଡା ଗ୍ରାମରୁ ଏକ ପିକଅପ୍ ଗାଡ଼ି ଚୋରି ହୋଇଯାଇଛି। ଗ୍ରାମର ରାଜେଶ ସାହୁ ତାଙ୍କ ପିକଅପ୍ ଗାଡ଼ିକୁ ରାତିରେ ଘର ଅଗଣାରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ଏହାକୁ ଚୋରାଇ ନେଇଛି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରାଉରକେଲା, ୧୪।୧(ସମିସ): ସ୍ଥାନୀୟ ଜଗଦାସ୍ଥିତ ନୀଳଶୈଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଆିରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାଙ୍କ ଆଳସୁରକ୍ଷା ଉପରେ ସୂଚନା ପ୍ରଦାନ କରି କହିଲେ ସାମ୍ପ୍ରତିକ ଉତ୍ଶୃଙ୍ଖଳିତ ସମାଜରେ ଛାତ୍ରୀମାନେ ନିଜର ସୁରକ୍ଷା ବିଷୟରେ ସଚେତନ ରହିବା ସହ ଆତ୍ମ ସୁରକ୍ଷା କ୍ଷେତ୍ରରେ ଯତ୍ନବାନ ହେବା ଉଚିତ୍। ୮ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ଆତ୍ମରକ୍ଷା ଶିବିରରେ ବିଦ୍ୟାଳୟର ୨୦୫ ଜଣ ଛାତ୍ରୀ ଅଂଶ ଗ୍ରହଣ କରି ଆତ୍ମସୁରକ୍ଷା ଉପରେ ତାଲିମ ଗ୍ରହଣ କରିଥିଲେ। ୬ଟି ଦଳରେ ବିଭକ୍ତ କରାଯାଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଅ।।ରକ୍ଷା ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଛାତ୍ରୀ ନିକି କୁଶବା, ଜୟା ସିଂହ ଏବଂ ଦୁଲାରୀ ମୁଣ୍ଡାରୀ ଉପସ୍ଥିତ ରହି ଆତ୍ମରକ୍ଷା ସମ୍ପର୍କରେ କୌଶଳ ପ୍ରଦର୍ଶନ କରିବା ସହ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ସୁଶାନ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ସୁମନ ସାହୁ, ଅର୍ଚ୍ଚନା ତରାଇ, ମନୀଷା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖେଲୋ ଇଣ୍ଡିଆରେ ମୌସୁମୀଙ୍କୁ ରୌପ୍ୟ



**ରାଉରକେଲା, ୧୪।୧(ସମିସ):** ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରେ ଖେଲୋ ଇଣ୍ଡିଆ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଖେଳକୁଦ ସଂଘ ସହବନ୍ଧିତ ରାଇମା କ୍ଲବ୍‌ର ମୌସୁମୀ ଦାସ ୮୧ କେଜିରୁ ଊର୍ଦ୍ଧ୍ୱରେ ରୌପ୍ୟ ପଦକ ହାସଲ କରିଛନ୍ତି। ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଅନିଲ ବହିଦାର, ଦୁର୍ଗା ମାଧବ ନାୟକ ଏନେଇ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ଖେଳ ବିଭାଗର ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ବିଶ୍ୱକେଶନ ପାଣ୍ଡେ, କ୍ଲବ୍ ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୁଆଁ, ରବୀନ୍ଦ୍ର ଗଣ୍ଡ, ଅରବିନ୍ଦ ନାୟକ, ସମିତା ବାରିକ ସମେତ ଅନ୍ୟମାନେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




ହକି ଇଣ୍ଡିଆ ଲିଗ୍‌ର ଏକ ସ୍ମରଣୀୟ ମୁହୂର୍ତ୍ତ

# ବର୍ଷାଜଳ ସଂରକ୍ଷଣ କର୍ମଶାଳା




କୁତ୍ରା, ୧୪।୧(ସମିସ): ଜଳ ସଂରକ୍ଷଣ ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ବିରାଟ ଆହ୍ୱାନ। ଜଳ ହିଁ ଜୀବନ ଓ ଜଳ ସମ୍ପଦର ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ। ଏହି ବାର୍ତ୍ତାକୁ ନେଇ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବର୍ଷାଜଳ ସଂରକ୍ଷଣ ଓ ଏହାର ସୁବିନିଯୋଗ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀଙ୍କ ନେତୃତ୍ୱରେ ବିଦ୍ୟାଳୟର ଇକୋ କ୍ଲବ୍ ଓ ଏନର୍ଜି କ୍ଲବ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। 'କ୍ୟାଚ୍ ଦ ରେନ୍' ନାମକ ଏହି କର୍ମଶାଳାରେ ତୁନମୁରା ଅଞ୍ଚଳର ଯୁବବର୍ଗମାନେ ସାମିଲ ହୋଇଥିଲେ। ବର୍ଷାଜଳର ସଂରକ୍ଷଣ ମାଧ୍ୟମରେ ଆମେ ଜଳ ସଙ୍କଟର ସମାଧାନ କରିପାରିବ ବୋଲି ମୁଖ୍ୟ ଅତିଥି ଜେଏସଡବ୍ଲୁ ସିଏସଆର ପ୍ରବନ୍ଧକ ଅଲେଖ ଦଳେଇ ମତ ପୋଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁ ଜଳ ସଂରକ୍ଷଣ ଆବଶ୍ୟକତା ଓ ବର୍ଷାଜଳକୁ କିପରି ସଂରକ୍ଷଣ କରାଯାଇପାରିବ ତା' ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଯୋଗଦେଇ ଥିବା ଯୁବସମାଜ ଜଳ ସଂରକ୍ଷଣ ପାଇଁ ନିଜକୁ ବଦ୍ଧ ପରିକର ବୋଲି କହିଥିଲେ। ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଜଳସମ୍ପଦର ସୁରକ୍ଷା ପାଇଁ ଯୁବ ସମାଜ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁ ଏହି ଅଭିନବ କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ଆଶା ପୋଷଣ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖରିଫ ଧାନ ସଂଗ୍ରହ ଅବ୍ୟବସ୍ଥିତ, ଚାଷୀ ହୀନସ୍ତା

**ସୁନ୍ଦରଗଡ଼, ୧୪।୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହ ବ୍ୟବସ୍ଥିତ ହୋଇ ପାରି ନଥିବା ଅଭିଯୋଗ ହେଉଛି। ଏଥର ଜିଲ୍ଲାରେ ୪୭ଟି ସମବାୟ ସଂସ୍ଥା ଓ ୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ରରୁ ଧାନ ସଂଗ୍ରହ ଚାଲିଛି। ୫୪୪୪୧ ଜଣ ଚାଷୀଙ୍କଠାରୁ ମୋଟ୍ ୧୯୪୩୩୮.୨୩୫ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଛି। ଇତିମଧ୍ୟରେ ୧୪୩୮୭ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୬୨୦୧୮୯.୮୭ କ୍ୱିଣ୍ଟାଲ ଧାନ କିଣା ସରିଛି। ତଥାପି ଧାନ ସଂଗ୍ରହ ପ୍ରକ୍ରିୟା ସୁବ୍ୟବସ୍ଥିତ ହୋଇ ପାରି ନାହିଁ। ଅଧିକାଂଶ ଧାନ ସଂଗ୍ରହ ମଣ୍ଡିରେ ନା ଅଛି ଗୋଦାମ ନା ଅଛି ପିଣ୍ଡି। ନା ଅଛି ପାନୀୟ ଜଳ ନା ଅଛି ଛାୟା ବ୍ୟବସ୍ଥା। ଶୌଚାଳୟ କଥା କିଏ ପଚାରେ! ଫଳରେ ଧାନ ବିକ୍ରି ପାଇଁ ଯାଉଥିବା ଚାଷୀ ମଣ୍ଡିରେ ହନ୍ତସନ୍ତ ହେବାରେ ଲାଗିଛନ୍ତି। ସେହିପରି ମଣ୍ଡିରେ ଧାନର ଅନୈତିକ ତଥା ଚୋରା ଚାଲାଣ ରୋକିବା ନିମନ୍ତେ ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଥିଲେ ହେଁ ମଣ୍ଡି ତଥା ସୀମାନ୍ତ ଅଞ୍ଚଳରେ ହୋଇ ପାରି ନାହିଁ। ସେହିପରି ଆଦୌ ପାଟ୍ରୋଲିଂ କରା ଯାଉନି। ଧାନସଂଗ୍ରହକେନ୍ଦ୍ରମାନଙ୍କରେସୁପରିଚାଳନା ନିମନ୍ତେ ନିଯୁକ୍ତ କରାଯାଇଥିବା ନୋଡାଲ ଅଧିକାରୀ ଏବଂ ସୁପରଭାଇଜରଙ୍କ ଦେଖା ମିଳୁନାହିଁ। ଧାନ ସଂଗ୍ରହ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଦିଗରେ ନିଜ ଫାଇଦା ଉଦ୍ଦେଶ୍ୟରେ ଅଣଦେଖା କରାଯାଇଛି। ଚାଷୀ ସଚେତନା ନ ଥିବା ଭଳି ମନେ ହେଉ ନାହିଁ। ଏହି ସୁଯୋଗରେ ମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଛି। କଟ୍‌ନୀଛଟ୍‌ନୀ ଚାଲିଛି। କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ତିନି କିଲୋ ଧାନ କାଟି ରଖାଯାଉଛି। ଚାଷୀଙ୍କୁ ନିଜ ବସ୍ତାରେ ଧାନ ଆଣିବାକୁ ପଡୁଥିବାବେଳେ ଏହାର ମଧ୍ୟ ଉଚିତ ମୂଲ୍ୟ ମିଳୁ ନାହିଁ। ସେହିପରି ଧାନ ବିକ୍ରରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ବୋନସ ଟଙ୍କା ଚାଷୀଙ୍କ ଜମା ଖାତାକୁ ପହଞ୍ଚିବାରେ ଅହେତୁକ ବିଳମ୍ବ ଘଟୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏଠାରେ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାକୁ ଦାବି ହେଉଛି।



## ରାଧାକୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ



ଶଗଡ଼ା, ୧୪ ।୧(ସମିସ): କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗାଝୁଲ ଗ୍ରାମ ନିକଟରେ ଥିବା ଏକ ପାହାଡ଼ ଉପରେ ଦୀର୍ଘ ୮୦ ବର୍ଷ ପୂବେ ଏକ ମଠ ତିଆରି ହୋଇଥିଲା। ଯାହା ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ମଠକୁ ଆଜି ଡ଼ଙ୍ଗାଝୋଲ, ଜୟଦ ପୁର, ଓ ବୁକୁରା ମୁଣ୍ଡା ଗ୍ରାମର ଦଳିତପଡ଼ାର ଲୋକେ ଉକ୍ତ ସ୍ଥାନକୁ ସଫାସୁତୁରା କରିଥିଲେ। ଉକ୍ତ ପଡ଼ାବାସୀଙ୍କ ସହଯୋଗରେ ଉକ୍ତ ସ୍ଥାନରେ ମକର ସଂକ୍ରାନ୍ତି ପାଳିତ ହେବା ସହ ରାଧାକୃଷ୍ଣ ମୂର୍ତ୍ତି ବିଗ୍ରହ ସ୍ଥାପନ କରାଯାଇଛି। ପୂଜା କାର୍ଯ୍ୟକ୍ରମରେ ସୁଶାନ୍ତ ଶିକା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ଅଭିଲାଷ ଦାସ ପୂଜକ ଭାବରେ ପୂଜାର୍ଚ୍ଚନା କରିଥିଲେ ।ଉକ୍ତସ୍ଥାନକୁ ପ୍ରଶାସନ ଦୃଷ୍ଟି ଦେଇ ଏହାର ପୂନଃ ଉଦ୍ଧାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବିଙ୍କ ଜୟନ୍ତୀ



ବୌଦ୍ଧ, ୧୪ ।୧(ସମିସ): ବୌଦ୍ଧ ବ୍ଲକ ମେଣ୍ଟିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଉତ୍କଳ ସମ୍ମିଳନୀ ବୌଦ୍ଧ ଶାଖା ପକ୍ଷରୁ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ବୌଦ୍ଧ ଶାଖା ସଭାପତି ପଦ୍ମାଳୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ୟଙ୍ଗ କବି ଶାନ୍ତନୁ କୁମାର ପାଣିଗ୍ରାହୀ, ଇଂରାଜୀ ଅଧ୍ୟାପକ ଧ୍ରୁବ ଚରଣ ପାଣିଗ୍ରାହୀ ଯୋଗ ଦେଇ ବ୍ୟାସ କବିଙ୍କ ଜୀବନୀ ଓ ସହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଗୋପାଳ ଅମାତ ପ୍ରାରମ୍ଭିକ ସୁଚନା ଦେଇଥିବା ବେଳେ ନୀଳଲୋହିତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଗିରିଶ ଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ବୌଦ୍ଧ, ୧୪ ।୧(ସମିସ): ମକର ସଂକ୍ରାନ୍ତିରେ ସ୍ଥାନୀୟ ଶ୍ରୀ ରଘୁନାଥ ମନ୍ଦିର ପରିସରରେ ଆସନ୍ତା ଶ୍ରୀରାମ ନବମୀ ଏବଂ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅପ୍ରେଲ ୬ ତାରିଖରୁ ଯାତ୍ରା ଆରମ୍ଭ ହେଉଥିବା ବେଳେ ୧୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ତରଫରୁ ସୂଚନା ଦିଆଯାଇଛି। ରାମଲୀଳା ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ରଘୁନାଥ ଷଡଙ୍ଗୀ ଓ ଶଶାଙ୍କ ଶେଖର ମିଶ୍ର, ରାମଲୀଳା ନାଟ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର, ନାଟ୍ୟକାର ହ୍ଲାଦାନନ୍ଦ ମେହେର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି ଯୋଗ ଦେଇଥିଲେ। ନାଟ୍ୟ ସଂସଦ ସମ୍ପାଦକ ମନୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ବୌଦ୍ଧ ଗଡ଼ଜାତର ପ୍ରସିଦ୍ଧ ଗଣପର୍ବ ଶ୍ରୀରାମ ନବମୀ ଯାତ୍ରାକୁ ଚଳିତବର୍ଷ କିପରି ଆହୁରି ଅଧିକ ସରସ, ସୁନ୍ଦର, ଶୃଙ୍ଖଳିତ ଏବଂ ଆକର୍ଷଣୀୟ କରାଯାଇ ପାରିବ ସମସ୍ତଙ୍କ ମତାମତ ନିଆଯାଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ରାମଲୀଳା ଯାତ୍ରାରେ ନେଇଆସୁଥିବା ୯ଟି ରାବଣ ଚରିତ୍ର ମାନଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବିଭିନ୍ନ ଅନୁଷ୍ଠାନ ଓ ପଞ୍ଚାୟତରୁ ବହୁସଂଖ୍ୟାରେ କଳାକାର ଯୋଗ ଦେଇଥିଲେ।

### ସହର ସୌନ୍ଦର୍ଯ୍ୟକରଣ ପାଇଁ ଆନ୍ତରିକତାର ଅଭାବ

# ଅଧାରେ ଅଟକିଛି ରିଂରୋଡ୍ ନିର୍ମାଣ କାମ

**ସୋନପୁର, ୧୪ ।୧(ସମିସ):**



ପୁରାତନ ସହର ସୁବର୍ଣ୍ଣପୁରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନିଆଯାଉନି। ସହରକୁ ସରସ ସୁନ୍ଦର ରଖିବା ସହ ବନ୍ୟା ଦାଉରୁ ରକ୍ଷା ପାଇଁ ନିର୍ମାଣ ହେଉଥିବା ରିଂରୋଡ୍ ଅଧପନ୍ତରିଆ ହୋଇ ପଡ଼ିରହିଛି। ବିଜେପି ସରକାର ଗଠନ ହେବାର ସାତ ମାସ ବିତିଗଲାଣି। ହେଲେ ଅଧାରେ ଅଟକି ଥିବା ସୋନପୁର ମହାନଦୀ ରିଂରୋଡ୍ ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଇ ପାରୁନି ।ଅଧପନ୍ତରିଆ କାମ ଯୋଗୁଁ ନିର୍ମାଣ ହୋଇଥିବା ରିଂରୋଡ୍ ବି ଲୋକଙ୍କ କାମରେ ଆସୁନାହିଁ। ପ୍ରଶାସନିକ ଅବହେଳା ଯୋଗୁଁ ସୁବର୍ଣ୍ଣପୁରର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ମହାନଦୀ ବ୍ରିଜ୍‌ରୁ ତେଲନଦୀ ବ୍ରିଜ୍ ଯାଏଁ ରିଂ ରୋଡ୍ ନିର୍ମାଣ କାମ ବିଳମ୍ବ ହୋଇଚାଲିଛି। ୨୦୨୨ରେ ଏହି ରିଂରୋଡ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। ଏବେ ୨୦୨୫ ହୋଇଥିଲେ ବି ଏହି ପ୍ରକଳ୍ପର ବହୁ କାମ ବାକି ରହିଛି। ପୋର୍ଟାଲ୍ ଫ୍ରେମ୍ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାରୁ ରିଂରୋଡ୍ ନିର୍ମାଣ କାମ ଅଧାରେ ପଡ଼ିଛି। ମହାନଦୀ ପଟୁ ଘୋଡ଼ାଘାଟପଡ଼ା ଏବଂ ତେଲନଦୀ ପଟୁ କୁମ୍ଭାରପଡ଼ାଠାରେ ଅଟକି ଯାଇଛି ରିଂରୋଡ୍। ସୁବର୍ଣ୍ଣପୁରର ବସ୍‌ଷ୍ଟାଣ୍ଡ, ରିଂରୋଡ୍ ଭଳି ଅତି ଆବଶ୍ୟକୀୟ ପ୍ରକଳ୍ପ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲ୍ଲା ହେବା ପରେ ସଦର ମହକୁମାରେ ଜନସଂଖ୍ୟା ବୃଦ୍ଧି ସହ ଟ୍ରାଫିକ ସମସ୍ୟା ବଢ଼ି ଚାଲିଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ସହ ମହାନଦୀର ବନ୍ୟା ଦାଉରୁ ସହରକୁ ରକ୍ଷା କରିବା ପାଇଁ ଏହି ରିଂରୋଡ ବିଶେଷ ସହାୟକ ହେବ ବୋଲି ଚିନ୍ତା କରାଯାଉଥିଲା। ଅଧା ନିର୍ମାଣ କରି ଏହା ପଡ଼ି ରହିଥିବାରୁ ଗତ ବନ୍ୟାରେ ସହରର ବିଭିନ୍ନ ସ୍ଥାନରେ ପାଣି ପଶିବାର ଆଶଙ୍କା ଦେଖା ଦେଇଥିଲା। ବର୍ଷା ଋତୁରେ ରିଂରୋଡ୍ ଯୋଗୁଁ ହିଁ ନଇକୂଳିଆ ଲୋକେ ଭୟରେ ଦିନ କାଟିଥିଲେ। କୁମ୍ଭାରପଡ଼ାଠାରୁ ଦଶମତୀ ଘାଟ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ପାଇଁ ରିଂରୋଡ୍ କାମ ଅଟକି ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୧ରେ ଏହି ରିଂରୋଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ତଥା ଅନ୍ୟାନ୍ୟ ସମସ୍ୟାକୁ ନେଇ ମଝିରେ ନିର୍ମାଣ କାମ କିଛି ବର୍ଷ ବନ୍ଦ ରହିଲା। ପରେ ଜଳସମ୍ପଦ ବିଭାଗଠାରୁ ପୂର୍ତ୍ତ ବିଭାଗ ରିଂରୋଡ ନିର୍ମାଣ କାମ ନେଇ ରାସ୍ତା ନିର୍ମାଣ ଆରମ୍ଭ କରିଥିଲା।

ପୂର୍ତ୍ତ ବିଭାଗ ପକ୍ଷରୁ ତେଲନଦୀ ପଟରୁ ୨୪୦୦ ମିଟର ଏବଂ ମହାନଦୀ ପଟରୁ ୧୫୦୦ ମିଟର ପିଚୁ ରାସ୍ତା ନିର୍ମାଣ ହୋଇଛି। ଏହାସହ ଦୁଇଟି ବ୍ରିଜ ଏବଂ ରିଟେନିଂ ୱାଲ୍ ମଧ୍ୟ ନିର୍ମାଣ କରାଯାଇଛି। ଏହା ନିର୍ମାଣ ହେବା ସତ୍ତ୍ୱେ ମଧ୍ୟ ଏହି ରିଂରୋଡ୍ ଲୋକଙ୍କ କାମରେ ଆସୁନାହିଁ। ତେଣୁ ନିର୍ମାଣ କାମ ପୁନଃ ଆରମ୍ଭ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ଏହାସହ ସହରର ତାପମାତ୍ରା ହ୍ରାସ ପାଇଁ ନିର୍ମାଣ ହୋଇ ସାରିଥିବା ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଇବା ପାଇଁ ଦାବି ହୋଇଛି। ଶୀଘ୍ର କାମ ଆରମ୍ଭ ନହେଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର ଚେତାବନୀ ଦେଇଛନ୍ତି।

## ଗୋଛାଗୋରାରେ ଭୀମବୁଢ଼ା ଯାତ୍ରା ଓ ପୁଷପୁନି ଭେଟ୍‌ଘାଟ୍



**ଶଗଡ଼ା, ୧୪ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଗୋଛାଗୋରାରେ ଆଦିବାସୀଙ୍କ ପାରମ୍ପରିକ ସଂସ୍କୃତିର ଯାତ୍ରା ଭୀମବୁଢ଼ା ଯାତ୍ରା ତଥା ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ପର୍ବ ପୌଷ ପୂର୍ଣ୍ଣିମାର ଅନନ୍ୟ ପର୍ବ ପୁଷପୁନୀ ଭେଟ୍‌ଘାଟ୍ ୨୦୨୫ ଆଦିବାସୀ ନେତା ପିତାମ୍ବର ଭୋଇଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଭେଟ୍‌ଘାଟ ସଭାରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗ ଦେଇ କେବଳ କୃଷି ଉପରେ ନିର୍ଭର କରୁଥିବା ବୌଦ୍ଧ-କନ୍ଧମାଳ-ବଲାଙ୍ଗିର-କଳାହାଣ୍ଡି ସୀମାନ୍ତ ଅଞ୍ଚଳ ଦେଇ ବୋହି ଯାଉଥିବା ଖଡ଼ଙ୍ଗ ନଦୀ ଅବବାହିକାରେ ଡ୍ୟାମ ନିର୍ମାଣ ହେଲେ ଏ ଅଞ୍ଚଳ ସଶ୍ୟଶ୍ୟାମଳା ହୋଇ ଲୋକଙ୍କ ଜୀବନରେଖା ବଦଳିଯିବ। ତେଣୁ ବିଧାୟକ ହେବାପରେ ପ୍ରଥମ କାର୍ଯ୍ୟ ସ୍ୱରୂପ ଏହି ଖଡ଼ଙ୍ଗ ନଦୀରେ ଡ୍ୟାମ୍ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା ନେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ ନେତା ନିଳାଚଳ ଭୋଇ, ଶିକ୍ଷାବିତ୍ ଗୋବର୍ଦ୍ଧନ ପ୍ରଧାନ, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ସମାଜସେବୀ ଧନଞ୍ଜୟ କାଲସେ, ଘଣ୍ଟାପଡ଼ା ବିଜେପି ମଣ୍ଡଳ ସଭାପତି ଗୋପୀନାଥ କହଁର, ଖୁଣ୍ଟିଗୋରା ସରପଞ୍ଚ ରବି ମହାକୁଡ଼, ଆମ୍ବଗାଁ ଗୌନ୍ତିଆ ମୋତିଲାଲ ରଣା, ପ୍ରଭାତ କୁମାର ସାହୁ ଓ ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ଭୋଇ ପ୍ରମୁଖ ଆଦିବାସୀଙ୍କ ପାରମ୍ପାରିକ ଜାନୀଯାତ୍ରାରେ କୃଷିଭିତ୍ତିକ ତଥା ଭାଇଚାରାର ପର୍ବ ପୁଷପୁନୀ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଦେବେନ୍ଦ୍ର କାଲସେ ପରିଚାଳନା କରିଥିବା ସ୍ଥଳେ ଅନୁଷ୍ଠାନର ସମ୍ପାଦକ ନିର୍ମଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଅଞ୍ଚଳର ଶିଶୁ କଳାକାରଙ୍କୁ ନେଇ ନାଚଗୀତର ଆସର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲ୍ଲା କଲଚରାଲ ଏକାଡେମୀର ମକର ମିଳନ

ବୌଦ୍ଧ, ୧୪ ।୧(ସମିସ): ବନ୍ଧାପଥର ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା କଲଚରାଲ ଏକାଡେମୀ ତରଫରୁ ମକର ମିଳନ ଉତ୍ସବ ପାଳିତ ହୋଇ ଯାଇଛି। ଏକାଡେମୀ ସଭାପତି ଧ୍ରୁବ ଚରଣ ଘିବେଲା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମକର ମିଳନ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରି ବ୍ୟାସ କବି ଫକିର ମୋହନଙ୍କ ଜନ୍ମତିଥି ମଧ୍ୟ ଆଜି ଦିବସର ବୈଶିଷ୍ଟ୍ୟ ବୋଲି ବର୍ଣ୍ଣନା କରିଥିଲେ। ଫକିର ମୋହନ ସେନାପତି ଥିଲେ ଭାଷା ସାହିତ୍ୟର ପ୍ରକୃତରେ ସେନାପତି, ଭାଷା ସାହିତ୍ୟରେ ତାଙ୍କର ଅଦାନ ଅବିସ୍ମରଣୀୟ ବୋଲି ଶ୍ରୀ ଘିବେଲା ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ରୋମାଣ୍ଟିକ କବି କିଶୋର ଚନ୍ଦ୍ର ମିଶ୍ର, ପ୍ରଫେସର ପ୍ରତାପ ଚନ୍ଦ୍ର ରଥ ଦିବସର ତତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଦିଲୀପ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ନିବାସ ନାଏକ ସଂଯୋଜନା କରି କବିତା ଆବୃତ୍ତିର ସୋପାନ ଗୁଡ଼ିକୁ ଆଗେଇ ନେଇଥିଲେ। ଏକାଡେମୀ ସମ୍ପାଦକ ରମେଶ ପ୍ରସାଦ ମେହେର, ସହସମ୍ପାଦକ ବିଜୟ କୁମାର ସାହୁ, କାର୍ତ୍ତିକେଶ୍ୱର ନାୟକ, ଚନ୍ଦ୍ରକାନ୍ତ ନାୟକ, ବି.କେ.ନିର୍ମଳ, ମଞ୍ଜୁପ୍ରଭା ପଟ୍ଟନାୟକ, ଅନୁଷ୍ଠାନର କୋଷାଧ୍ୟକ୍ଷ ରାଧାମୋହନ ମାହାଣା, ଚିତ୍ତରଞ୍ଜନ ବେହେରା, ସୁକଦେବ ପ୍ରଧାନ ଆଶିଷ ବେହେରା, ଓମ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କବି ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ପାଇଁ ପ୍ରୟାସ

## ଶ୍ରୀହରିରେ ତାରାମଣ୍ଡଳ ଓ ଟେଲିସ୍କୋପ୍ କାର୍ଯ୍ୟକ୍ରମ




ତରଭା, ୧୪।୧(ସମିସ): ଶ୍ରୀହରି ବିଦ୍ୟାଳୟ ପରିସରରେ ଶ୍ରୀ ହରି ତଥା ପେସିଫ୍ ଇନଷ୍ଟିଚ୍ୟୁଟ ଆଫ୍ କସ୍ମୋଲୋଜି ଓ ସେଲ୍‌ଫଫୋଲୋଜି (ପିକ୍ସ)ର ମିଳିତ ଆନୁକୂଲ୍ୟରେ ତିନି ଦିନ ଧରି ତାରାମଣ୍ଡଳ ପ୍ଲାନୋଟରିୟମ ସୋ, ଓ ଟେଲିସ୍କୋପ୍ ସ୍କାଏ ୱାଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିକ୍ସ ନିର୍ଦ୍ଦେଶକ ଡ. ଶିବେଶ କୁମାର ଜସ ପେସିଫ୍‌ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ତଥା ମହାକାଶ ବିଜ୍ଞାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଶତାଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ଶିକ୍ଷଣୀୟ ବିଷୟ ଜାଣିବାକୁ ପାଇଥିଲେ। ମହାକାଶ, ଛାୟାପଥ, ଆକାଶଗଙ୍ଗାର ସୃଷ୍ଟି, ବ୍ଲାକ୍ ହୋଲ, ସୌର ମଣ୍ଡଳର ସୃଷ୍ଟି, ବିଭିନ୍ନ ଗ୍ରହ ନକ୍ଷତ୍ର ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ପରିସରରେ ଏକ ଅସ୍ଥାୟୀ ପ୍ଲାନୋଟରିୟମ୍ ସ୍ଥାପନ କରାଯାଇଥିଲା। ଟେଲିସ୍କୋପ୍ ମାଧ୍ୟମରେ ଚନ୍ଦ୍ର, ସୂର୍ଯ୍ୟ, ବୃହସ୍ପତି ଓ ତାର ଉପଗ୍ରହକୁ ଛାତ୍ରଛାତ୍ରୀ ଅଧ୍ୟୟନ କରିଥିଲେ। ଶ୍ରୀହରି ବିଦ୍ୟାଳୟର ଏହି ଅଭିନବ ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଶ୍ରୀହରି ପରିଚାଳନା ନିର୍ଦ୍ଦେଶକ ଡ. ରାଜେଶ କୁମାର ମେହେର ଓ ଶ୍ରୀହରି ଅଧ୍ୟକ୍ଷା ଜିନାରାଣୀ ମେହେର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### • ୫ଦିନ ହେଲା ପାନୀୟଜଳରୁ ବଞ୍ଚିତ ପଦ୍ମତୋଳିବାସୀ

## ଅଭିଯୋଗ କଲେ କେହି ଶୁଣୁନାହାନ୍ତି



ଶଗଡ଼ା, ୧୪ ।୧(ସମିସ): କଣ୍ଟାମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଦ୍ମତୋଳିବାସୀ ୫ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଗାଁକୁ ସଂଯୋଗ ହୋଇଥିବା ପାଣି ପାଇପ ଫାଟି ଯିବାରୁ ଗ୍ରାମବାସୀ ପାନୀୟ ଜଳ ପାଉ ନ ଥିବା କହିଛନ୍ତି। ପାଇପ ମରାମତି ପାଇଁ ବିଭାଗୀୟ ହେଲ୍ପ ଲାଇନ ନମ୍ବରରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ କରିବା କହି ଦିନ ଗଡ଼ାଉ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ କୁର୍ତ୍ତୀ ପାଲି ଠାରୁ ପଦ୍ମତୋଳି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ଜେସିବିରେ ମାଟି ଖୋଳିବା ସମୟରେ ଗ୍ରାମକୁ ଯାଇଥିବା ପାଣି ପାଇପ୍ ଫାଟି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାଫଳରେ ଗ୍ରାମବାସୀ ପାଣି ପାଉ ନାହାନ୍ତି। ସରକାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ।ଉକ୍ତ ଗ୍ରାମରେ ପାଖାପାଖି ୭୦ଟି ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପରେ ବିଶୁଦ୍ଧ ପାଣି ବାହାରୁ ନ ଥିବାରୁ ଲୋକେ କିଡ଼ନୀ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ କଣ୍ଟାମାଳ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ଆସନ୍ତାକାଲି ଲୋକ ପଠାଇ ମରାମତି କରାଯିବ ବୋଲି କହିଛନ୍ତି।

## ଖଣ୍ଡିକନପା ସୁରକ୍ଷା ଓ ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ପୁରାତନ ଛାତ୍ରଛାତ୍ରୀ

**ମନମୁଣ୍ଡା, ୧୪ ।୧(ସମିସ):**



ବୌଦ୍ଧ ବ୍ଲକ ଉପାନ୍ତ ଶଗଡ଼ା ପଞ୍ଚାୟତରେ ଅବସ୍ଥିତ ଖଣ୍ଡିକନପା ସୁରକ୍ଷା ଓ ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି ଶଗଡ଼ା ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ। ଜଙ୍ଗଲ ପାହାଡ଼ ଘେରା ଖଣ୍ଡିକନପା ବାଘନଦୀରେ ଏହି ପର୍ଯ୍ୟଟନ ସ୍ଥଳୀ ରହିଛି। ଏଠାରେ ଦୀର୍ଘ ପ୍ରାୟ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପାହାଡ଼ ଗୁମ୍ଫାରେ ପ୍ରସିଦ୍ଧ ଗୁପ୍ତେଶ୍ୱର ବାବା ଶିବ ଲିଙ୍ଗ ରହିଛି। ନଦୀରେ ସ୍ଥାୟୀ ପୋଲ ନ ଥିବାରୁ ନଦୀ ପାଣି ଉପରେ ନିର୍ମିତ କାଠ ଓ ବାଉଁଶ ରେ ନିର୍ମିତ ପୋଲ ଉପର ଦେଇ ଭକ୍ତ ମାନେ ଗୁପ୍ତେଶ୍ୱର ବାବାଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ନଦୀରେ ଥିବା ବିରାଟକାୟ ପଥରମାନ ସହ ଅସଂଖ୍ୟ ଶିଳାଖଣ୍ଡ, ନୀଳ ଜଳ ରାଶି ଓ ଜଙ୍ଗଲ ପାହାଡ଼ର ପ୍ରାକୃତିକ ଦୃଶ୍ୟ, ପକ୍ଷୀମାନଙ୍କ ସୁଲଳିତ ରାବ ଓ ଥଣ୍ଡା ପବନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପ୍ରତ୍ୟେକ ବର୍ଷ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ।ସେହିପରି ସ୍କୁଲ, କଲେଜ୍ ଛାତ୍ରଛାତ୍ରୀଙ୍କ ସମେତ ଅନେକ ଲୋକ ଏଠାକୁ ପିକନିକ କରିବାକୁ ଆସିଥାନ୍ତି ।ସରକାର ଏଠାରେ ଏକ କଲ୍ୟାଣ ମଣ୍ଡପ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି ଯାହାକି ଅର୍ଦ୍ଧ ନିର୍ମିତ ହୋଇ ପଡ଼ିରହିଛି। ଜନବସତି ଠାରୁ ଦୂରରେ ପର୍ଯ୍ୟଟନସ୍ଥଳ ରହୁଥିବାରୁ ସେଠାକୁ ଯିବାରେ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି ଓ ଆଲୋକିକରଣ ସହ ପର୍ଯ୍ୟଟକଙ୍କ ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ମଧ୍ୟ ଆବଶ୍ୟକତା ରହିଛି। ସେହିପରି ପିକନିକ୍ ସ୍ଥଳୀର ସଫା ସୁତୁରା, ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। କିନ୍ତୁ ଏସବୁ ପ୍ରତି କେହି ଆନ୍ତରିକତା ସହ ଧ୍ୟାନ ଦେଉ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଶଗଡ଼ା ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ସଭାପତି ତଥା ପୁରାତନ ଛାତ୍ର ଶାନ୍ତନୁ ଥାଟିଙ୍କ ନେତୃତ୍ୱରେ କେତେକ ପୁରାତନ ଛାତ୍ରଛାତ୍ରୀ ଅଣ୍ଟା ଭିଡିଛନ୍ତି। ଏନେଇ ରବିବାର ରାଧେଶ୍ୟାମ ପରଡ଼ିଆ, ବାଲ୍ମୀକି ମହଲା, ଗୌରାଙ୍ଗ ସାହୁ, ଅଶୋକ ହାତୀ, ପରମା ସିଂ, ସତ୍ୟବାନ୍ ପରଡିଆ, ଦିଲ୍ଲୀପ ପୁରୋହିତ, ଜମିଲ ମଲ୍ଲିକ, ସବିତା ମହାକୁଡ, ସୁବାଷିନୀ ମହାକୁଡ, ସୈରେନ୍ଦ୍ରି କହଁର ପ୍ରମୁଖ ଅନେକ ପୁରାତନ ଛାତ୍ରଛାତ୍ରୀ ଖଣ୍ଡିକନପାରେ ବୈଠକ କରି ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ କିଛି କରିବା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଖଣ୍ଡିକନପା ପର୍ଯ୍ୟଟନସ୍ଥଳୀକୁ ରାସ୍ତାଘାଟ, ଆଲୋକିକରଣ, ପାର୍କ ନିର୍ମାଣ, କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ ଏବଂ ସ୍ୱଚ୍ଛତା ବଜାୟ ପାଇଁ ବିଶେଷ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ସେନେଇ ବିଧାୟକ, ମନ୍ତ୍ରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ ଅଧିକ ପର୍ଯ୍ୟଟକ ଆସିବେ ଓ ଅଞ୍ଚଳର ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିବ ବୋଲି ଶାନ୍ତନୁ ଥାଟି ମତବ୍ୟକ୍ତ କରିଥିଲେ। ଶେଷରେ ସୁଭାଷିନୀ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ତରଭା, ୧୪।୧(ସମିସ): ବରିଷ୍ଠ ନାଗରିକ କମିଟି ତରଭା ଓ ସ୍ୱରାଜ ହସପିଟାଲ ବଲାଙ୍ଗିରଙ୍କ ମିଳିତ ସହଯୋଗରେ ବରିଷ୍ଠ ନାଗରିକଙ୍କ ସକାଶେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ମାରୱାଡି ଧର୍ମଶାଳରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଶିବିରରେ ନାମ ପଞ୍ଜୀକରଣ କରିଥିବା ୨୫ ଜଣ ମହିଳା ଓ ୬୧ ଜଣ ପୁରୁଷ ଏଭଳି ୮୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱରାଜ ହସ୍‌ପିଟାଲର ଡାକ୍ତର ସୁଜ୍ଞାନେନ୍ଦ୍ର ମିଶ୍ର, ଡାକ୍ତର ଅସ୍ମିତା ଦଲାଲ, ଡାକ୍ତର ପୂଜା ପଟ୍ଟନାୟକ, ଅପଟୋମେଟ୍ରିଷ୍ଟ ଅବିନାଶ ତ୍ରିପାଠୀ, ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଶ୍ମୀରଞ୍ଜନ ଚୌହାନ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱରାଜର ଟେକ୍‌ନିସିଆନ ବିନୋଦିନୀ ଓ ଜେମାଦେଇ, ପ୍ରାଚୀ ମେଡିକାଲର ଟେକ୍‌ନିସିଆନ ସୌମ୍ୟରଞ୍ଜନ ପରିଡ଼ା, କୁମାରେନ୍ଦ୍ର ମିଶ୍ର, ସଦାନନ୍ଦ ବିଶି, ମନୋରଞ୍ଜନ ସା, ତରଭା ସିଏଚ୍‌ସି ଫାର୍ମାସିଷ୍ଟ ପ୍ରଦୀପ ବିଶି ପ୍ରମୁଖ ବରିଷ୍ଠ ନାଗରିକଙ୍କ ସୁଗର ଓ ରକ୍ତଚାପ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ନାଗରିକ କମିଟିର ସଭାପତି ଦେବେନ୍ଦ୍ର ବିଜୟ ସାହୁ, ସମ୍ପାଦକ ବିଚିତ୍ର କୁମାର ସାହୁ ସଭ୍ୟ ବିଜୟ କୁମାର ମେହେର, ଧୀରେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଜୟକିଶୋର ସାହୁ, ଅକ୍ଷୟ କୁମାର ବାଘ, ଶୈଳେନ୍ଦ୍ର କୁମାର ସାହୁ, ଉପେନ୍ଦ୍ର କୁମାର ପଣ୍ଡା, ରାଜକିଶୋର ସାହୁଙ୍କ ଉପସ୍ଥିତିରେ ଡାକ୍ତର ରଶ୍ମୀରଞ୍ଜନ ଚୌହାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ତରଭାର ଦଧିବାବନ ମେଡିକାଲ, ଚେତାନିଆ ମେଡିକାଲ, ବଲାଙ୍ଗିରର ସମଲେଶ୍ୱରୀ ମେଡିକାଲ ଓ ସ୍ୱରାଜ ହସ୍‌ପିଟାଲ ତରଫରୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା।

